୬ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ମ୍ୟାଚ୍ ଫି'ର ୧୦% କାଟିଲା ବିସିସିଆଇ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

E-mail : sambadkalikanews@gmail.com

● ବର୍ଷ–୩୩ ● ସଂଖ୍ୟା–୧୧୧ ● ୨୨ ମଇ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-111 ● 22nd May 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

## ପଞ୍ଚରାଷ୍ଟ୍ରୀୟ ଗସ୍ତରୁ ଫେରି ପ୍ରଧାନମନ୍ତ୍ରୀ ଡାକିଲେ କ୍ୟାବିନେଟ୍ ବୈଠକ

# ସଂକଟ ଜନିତ ପରିସ୍ଥିତିର ପ୍ରଭାବ ହ୍ରାସ ଉପରେ ଦେଲେ ଗୁରୁତ୍ୱ

**ନୂଆଦିଲ୍ଲୀ, ୨୧।୫**

ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ଏବଂ ଏହାର ଅର୍ଥନୈତିକ ପ୍ରଭାବ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଡକାଇ ଆଲୋଚନା କରିଛନ୍ତି। ପଞ୍ଚରାଷ୍ଟ୍ରୀୟ ଗସ୍ତରୁ ଫେରିବା ପରେ ପ୍ରଧାନମନ୍ତ୍ରୀଙ୍କ ଏହି ବୈଠକ ଦେଶ ପାଇଁ ଯଥେଷ୍ଟ ଗୁରୁତ୍ୱବହନ କରିଛି। ବୈଠକରେ ପ୍ରଧାନମନ୍ତ୍ରୀ ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ସଂକଟ ଜନିତ ପରିସ୍ଥିତି ଓ ତାର ପ୍ରଭାବକୁ କିପରି ହ୍ରାସ କରାଯାଇ ପାରିବ ସେନେଇ ଆଲୋଚନା କରିବା ସହ ଦେଶର ନାଗରିକମାନଙ୍କ ଅସୁବିଧାକୁ କମ୍ କରି କିପରି ଆଗକୁ ବଢ଼ି ହେବ ସେ ବିଷୟରେ ମନ୍ତ୍ରଣାଳୟ ଏବଂ ବିଭିନ୍ନ ବିଭାଗଗୁଡ଼ିକ ସହ ମଧ୍ୟ ଆଲୋଚନା କରିଥିଲେ।



ସୂଚନା ଅନୁସାରେ ବୈଠକରେ ଶକ୍ତି, କୃଷି, ସାର, ବିମାନ ଚଳାଚଳ, ଜାହାଜ ଚଳାଚଳ ଏବଂ ଲଜିଷ୍ଟିକ୍ସ ଭଳି କ୍ଷେତ୍ରଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା।

ସୂଚନାନୁଯାୟୀ ବୈଠକରେ ବିଭିନ୍ନ ମନ୍ତ୍ରଣାଳୟର କାର୍ଯ୍ୟକାରିତା, ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏବଂ ସେମାନଙ୍କର ଫଳାଫଳ ଏବଂ ଭବିଷ୍ୟତ ଯୋଜନା ସମେତ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ କ୍ୟାବିନେଟ ମନ୍ତ୍ରୀ, ସ୍ୱାଧୀନ ଦାୟିତ୍ୱରେ ଥିବା ରାଷ୍ଟ୍ରମନ୍ତ୍ରୀ ଏବଂ ଅନ୍ୟାନ୍ୟ ରାଷ୍ଟ୍ରମନ୍ତ୍ରୀମାନେ ଯୋଗଦେଇଥିଲେ। କ୍ୟାବିନେଟ ପୁନର୍ଗଠନର କଳ୍ପନାଜଳ୍ପନା ମଧ୍ୟରେ ଏହା ଚଳିତ ବର୍ଷର ପ୍ରଥମ ପୂର୍ଣ୍ଣ କ୍ୟାବିନେଟ ବୈଠକ ହୋଇଥିଲା।

ଏହି ବୈଠକର ମୁଖ୍ୟ ଏଜେଣ୍ଡା ହୋଇଥିଲା କ୍ୟାବିନେଟ ପୁନର୍ଗଠନ । ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ରିପୋର୍ଟ ଉପରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ବିଭିନ୍ନ ସାମାଜିକ ଯୋଜନା କାର୍ଯ୍ୟକାରୀ କରିବା ଏବଂ *(ପୃଷ୍ଠା ୭ରେ)*

# କାଳବୈଶାଖୀ ତାଣ୍ଡବ : ୩ ମୃତ

**କେନ୍ଦୁଝର, ୨୧।୫**

**ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝରର ଟାଉନ୍ ଥାନା ଅନ୍ତର୍ଗତ ନରଣପୁରରେ ଅଭାବନୀୟ ଘଟଣା ଘଟିଯାଇଛି । କାଳବୈଶାଖୀ ଜନିତ ପ୍ରଚଣ୍ଡ ଝଡ ପବନରେ ଟେଣ୍ଟ ଭୁଶୁଡ଼ି ପଡିବାରୁ ତଳେ ଚାପି ହୋଇ ୩ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଘରର ଛାତ ଉପରେ ଟେଣ୍ଟ ମାରି ଶୋଇଥିବା ବେଳେ ଏପରି ଅଭାବନୀୟ ଘଟଣା ଘଟିଥିଲା। ଫଳରେ ତିନିଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି।

ସୂଚନା ଅନୁସାରେ, ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ କାଳବୈଶାଖୀ ତାଣ୍ଡବ ରଚିଥିଲା। ଟେଣ୍ଟ ଭିତରେ କର୍ମଚାରୀମାନେ ବିଶ୍ରାମ ନେଉଥିଲେ। ପ୍ରଚଣ୍ଡ ଝଡ ପବନରେ ଟେଣ୍ଟ ଭୁଶୁଡ଼ିବାରୁ ସେମାନେ ଚାପି ହୋଇ ଯାଇଥିଲେ। ଫଳରେ ଟେଣ୍ଟର ବାଉଁଶ ଓ କପଡ଼ା ସେମାନଙ୍କ *(ପୃଷ୍ଠା ୭ରେ)*



## ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର, ୨୧।୫ : ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ସଦର ତହସିଲର ନରଣପୁରଠାରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ଯୋଗୁଁ ୩ ଜଣଙ୍କର ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି।

## ଉତ୍ତପ୍ତ ସହର ପାଲଟିଛି ଝାରସୁଗୁଡା

**ଭୁବନେଶ୍ୱର, ୨୧।୫**

**ନ୍ୟୁଜ୍ ବ୍ୟୁରୋ**

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଅସହ୍ୟ ତାତିରେ ଲୋକେ କଲବଲ ହେଉଛନ୍ତି। ଗାଁରୁ ସହର ପର୍ଯ୍ୟନ୍ତ ରାସ୍ତାଘାଟ ସବୁଠି ସୂର୍ଯ୍ୟଙ୍କର ପ୍ରଖର କିରଣ ଜନସାଧାରଣଙ୍କ ପାଇଁ ଦାଉ ସାଜୁଛି। କେଉଁଠି ବି ନିସ୍ତାର ନାହିଁ। ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ପାର କରିଛି। ଝାରସୁଗୁଡା ସହରର ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ପଶ୍ଚିମ ଓଡ଼ିଶାର ଅଧିକାଂଶ ସହରରେ ତାପମାତ୍ରା *(ପୃଷ୍ଠା ୭ରେ)*

## ଡିଜିପିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

# ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ, ସୁରକ୍ଷିତ-ସୁବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୧।୫**

**ନ୍ୟୁଜ୍ ବ୍ୟୁରୋ**

ପୁରୀରେ ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଗୁରୁବାର କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ *(ପୃଷ୍ଠା ୭ରେ)*




# ଆରଜି କର ମାମଲାରେ ସାନି ତଦନ୍ତ ନିର୍ଦ୍ଦେଶ ଦେଲେ କୋଲକାତା ହାଇକୋର୍ଟ

**କୋଲକାତା, ୨୧।୫**

୨୦୨୪ ମସିହାର ଆରଜି କର ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ସାନି ତଦନ୍ତ ହେବ। ଏହି ମାମଲାରେ ପ୍ରମାଣ ନଷ୍ଟ କରାଯାଇଥିବା ନେଇ ପୀଡ଼ିତା ଟ୍ରେନି ଡାକ୍ତରଙ୍କ ବାପା ମା' ଅଭିଯୋଗ କରିବାପରେ ହାଇକୋର୍ଟ ଏହି ମାମଲାରେ ସାନି ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି । ସିବିଆଇର ୩ ଜଣିଆ ସଦସ୍ୟ ବିଶିଷ୍ଟ ଏସଆଇଟି ଉକ୍ତ ମାମଲାର ତଦନ୍ତ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଶାମ୍ପା ସରକାର ଏବଂ ଜଷ୍ଟିସ ତୀର୍ଥଙ୍କର ଘୋଷଙ୍କ ଖଣ୍ଡପୀଠ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ହୋଇଥିବା ଅଭିଯୋଗକୁ ଭଲଭାବେ ଯାଞ୍ଚ କରିବାପାଇଁ ଏସଆଇଟିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏସ୍‌ଆଇଟି ଉକ୍ତ ମାମଲାର ତଦନ୍ତ ରିପୋର୍ଟ ଜୁନ୍ ୨୫ ସୁଦ୍ଧା ହାଇକୋର୍ଟରେ ଦାଖଲ କରିବାକୁ କୁହାଯାଇଛି। ସିବିଆଇର ଇଷ୍ଟର୍ଣ୍ଣ ଜୋନ୍ ଯୁଗ୍ମ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏସ୍‌ଆଇଟି ଉକ୍ତ ମାମଲାରେ ସାନି ତଦନ୍ତ କରିବ। ଅନ୍ୟପକ୍ଷେ ଏସ୍‌ଆଇଟିର ଅନ୍ୟ ୨ ସଦସ୍ୟ କିଏ ରହିବେ ତାହା କୋର୍ଟ ୪୮ ଘଣ୍ଟା ମଧ୍ୟରେ ନିଷ୍ପତ୍ତି ନେବେ।

କୋର୍ଟ ଏହି ମାମଲାରେ ସିବିଆଇକୁ ପୂରା ଘଟଣାର ପୁନର୍ବାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ ଅଗଷ୍ଟରେ ଟ୍ରେନି ଡାକ୍ତର ଡିନର କରିବା ସମୟଠାରୁ ଆରମ୍ଭ କରି ତାଙ୍କ ସହ ହୋଇଥିବା ବର୍ବରତା ଏବଂ ପରଦିନ ତାଙ୍କ ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ଘଟଣାର ପୁନର୍ବାର ତଦନ୍ତ *(ପୃଷ୍ଠା ୭ରେ)*

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୯୯୩ (+୪୯)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୬୦ (+୪୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୯୫ (+୩୭)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୮୫ (+୫)

# ଭୁବନେଶ୍ୱର ସମେତ ୩ କେନ୍ଦ୍ରକୁ ବାଛିଲେ ୟୁପିଏସ୍‌ସି ପରୀକ୍ଷାର୍ଥୀ

**ନୂଆଦିଲ୍ଲୀ, ୨୧।୫**

ସିଭିଲ୍ ସେବା (ପ୍ରାରମ୍ଭିକ) ପରୀକ୍ଷା-୨୦୨୬ ପାଇଁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଭିଡ଼ କମ କରିବା ପାଇଁ, କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସସି) ପକ୍ଷରୁ ଭୁବନେଶ୍ୱର, କାନପୁର ଏବଂ ମିରଟରେ ତିନୋଟି ନୂତନ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରଗୁଡ଼ିକ ଯୋଡି ହେବା ସହିତ, ପ୍ରାରମ୍ଭିକ ପରୀକ୍ଷା ପାଇଁ ମୋଟ କେନ୍ଦ୍ର ସଂଖ୍ୟା ୮୦ରୁ ୮୩କୁ ବୃଦ୍ଧି ପାଇଛି। ପ୍ରାୟ ୨୩ ହଜାର ପ୍ରାର୍ଥୀ ଏହି ନୂତନ କେନ୍ଦ୍ରଗୁଡ଼ିକୁ ବାଛିଛନ୍ତି, ଯାହା ଫଳରେ ଏହି ପରୀକ୍ଷା ଲାଗି ଅନ୍ୟ ନିକଟବର୍ତ୍ତୀ କେନ୍ଦ୍ରଗୁଡ଼ିକରେ ଭିଡ଼ ହ୍ରାସ ପାଇଛି।

ଏ ସମ୍ପର୍କରେ ୟୁପିଏସସି ଅଧ୍ୟକ୍ଷ ଡକ୍ଟର ଅଜୟ କୁମାର କହିଛନ୍ତି, 'ଆମର ଉଦ୍ଦେଶ୍ୟ ହେଉଛି ପରୀକ୍ଷା ପ୍ରକ୍ରିୟାକୁ ପ୍ରାର୍ଥୀମାନଙ୍କ ପାଇଁ ଅଧିକ ସୁଗମ ଏବଂ ଦକ୍ଷ କରିବା। ଏହି ତିନୋଟି ନୂତନ କେନ୍ଦ୍ର ଆରମ୍ଭ ଦ୍ୱାରା ଭିଡ଼ ହ୍ରାସ କରିବା ଏବଂ ପ୍ରାର୍ଥୀମାନଙ୍କୁ ଅଧିକ ସୁବିଧା ପ୍ରଦାନ କରିବା ଲାଗି ଲକ୍ଷ୍ୟ ରହିଛି। ଏହା ବ୍ୟତୀତ, ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ସେମାନଙ୍କର ପସନ୍ଦର ପରୀକ୍ଷା କେନ୍ଦ୍ର ଉପଲବ୍ଧ କରି, ଆୟୋଗ ଭୌଗୋଳିକ ଏବଂ ଶାରିରୀକ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାକୁ ପ୍ରୟାସ କରୁଛନ୍ତି। ଏହା ଦ୍ୱାରା ୟୁପିଏସସି ଯାତ୍ରା ସମସ୍ତଙ୍କ ପାଇଁ ସୁଗମ ଓ ସମାବେଶୀ ହୋଇପାରିବ।

ଭୁବନେଶ୍ୱରରେ ଏକ ନୂତନ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା କଟକ ଉପରେ ଚାପ ଯଥେଷ୍ଟ ହ୍ରାସ ପାଇଛି। ସିଭିଲ୍ ସେବା (ପ୍ରାରମ୍ଭିକ) ପରୀକ୍ଷା -୨୦୨୬ *(ପୃଷ୍ଠା ୭ରେ)*

## ଏକାଳ ପଖାଳ




'ଏଲ୍‌ନିନୋ' ଆସୁଛି କିଛି ଦିନ ପରେ
ଚିନ୍ତା ମାଡି ପଡେ...ନାହିଁ... ?
ସଭ୍ୟ ମଣିଷର ବିକାଶ ଯାତ୍ରାରେ
ହୁଳା ତ ବରଷି ବଇଁ
ଡିଗ୍ରୀ ଦେଖୁଥାଅ ତୁହି
କଂକ୍ରିଟ୍ ଜଙ୍ଗଲେ ମରୁଡି ପଡିଲେ
ଆମେ ମଣିଷ ହିଁ ଦାୟୀ।




## ପୁଲଓ୍ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ନିପାତ

**ନୂଆଦିଲ୍ଲୀ, ୨୧।୫**

୧୪ ଫେବୃଆରୀ, ୨୦୧୯ରେ ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ସହିତ ଜଡିତ ବୋଲି ବିଶ୍ୱାସ କରାଯାଉଥିବା ଆତଙ୍କବାଦୀ ହମଜା ବୁରହାନଙ୍କୁ ପାକ ଅଧିକୃତ କଶ୍ମୀରରେ ଗୁଳି କରି ହତ୍ୟା କରାଯାଇଛି। ବିଶେଷ ସୂତ୍ରରୁ ଜଣାପଡିଛି ଯେ ହମଜା ବୁରହାନଙ୍କୁ ମୁଜାଫରାବାଦରେ ଅଜ୍ଞାତ ଆକ୍ରମଣକାରୀ ଟାର୍ଗେଟ କରିଥିଲେ, ଯେଉଁଠାରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। *(ପୃଷ୍ଠା ୭ରେ)*

# ଇବୋଲା ଭାଇରସ ପାଇଁ ସତର୍କତା : କେନ୍ଦ୍ରର ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି




**ନୂଆଦିଲ୍ଲୀ, ୨୧।୫**

କେନ୍ଦ୍ର ସରକାର ଇବୋଲା ଭାଇରସ ସମ୍ପର୍କରେ ବିମାନବନ୍ଦର ପାଇଁ ଏକ ସ୍ୱତନ୍ତ୍ର ପରାମର୍ଶ ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ ପ୍ରଭାବିତ ଦେଶଗୁଡ଼ିକରୁ ଆସୁଥିବା ଯାତ୍ରୀମାନେ ଇବୋଲା ସମ୍ବନ୍ଧୀୟ ଲକ୍ଷଣ ପ୍ରଦର୍ଶନ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ ଗୁରୁବାର ଏଠାରେ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ଏକ ପରାମର୍ଶ ଜାରି କରିଛି, ଯେଉଁଥିରେ ଉଚ୍ଚ ବିପଦପୂର୍ଣ୍ଣ ଦେଶଗୁଡ଼ିକ: କଙ୍ଗୋ, ଉଗାଣ୍ଡା ଏବଂ ଦକ୍ଷିଣ ସୁଡାନରୁ ଆସୁଥିବା କିମ୍ବା ପରିବହନ କରୁଥିବା ଯାତ୍ରୀମାନଙ୍କୁ ସ୍ପଷ୍ଟ ଭାବରେ ପରାମର୍ଶ ଦିଆଯାଇଛି।

ଡିଜିଏଚ୍‌ଏସ୍ ପରାମର୍ଶରେ କୁହାଯାଇଛି ଯେ ଯଦି କୌଣସି ଯାତ୍ରୀ ଜ୍ୱର, ଦୁର୍ବଳତା କିମ୍ବା ଥକ୍କାପଣ, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ବାନ୍ତି, ଡାଇରିଆ, କିମ୍ବା ଅସ୍ପଷ୍ଟ ରକ୍ତସ୍ରାବ ଭଳି ଲକ୍ଷଣ ଅନୁଭବ କରନ୍ତି, *(ପୃଷ୍ଠା ୭ରେ)*

ବାଧାହୀନ ବ୍ୟାଙ୍କିଙ୍ଗ ସେବା ପାଇଁ

ନିଜର KYC ଅପଡେଟ୍ କରି ରଖନ୍ତୁ



ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇନାହିଁ,

Re-KYC ପାଇଁ ପତ୍ର/ଅନ୍‌ଲାଇନ ବ୍ୟାଙ୍କିଙ୍ଗ/ମୋବାଇଲ ବ୍ୟାଙ୍କିଙ୍ଗ/ଏଟିଏମ/ନିଜର ମୋବାଇଲ ନମ୍ବର ମାଧ୍ୟମରେ/ଆପଣଙ୍କ ବ୍ୟାଙ୍କରେ ପଞ୍ଜୀକୃତ ହୋଇଥିବା ଇ-ମେଲ୍ କିମ୍ବା ବିଜ୍‌ନେସ୍ କରେସ୍‌ପୋଣ୍ଡେଣ୍ଟ୍ (BCs) ମାଧ୍ୟମରେ ଏକ ସ୍ୱ-ଘୋଷଣା ଦାଖଲ କରନ୍ତୁ ।

ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇଛି,

ଅପଡେଟ୍ ସୂଚନାଯୁକ୍ତ ଯେକୌଣସି ଏକ ଦସ୍ତାବିଜ ପ୍ରଦାନ କରନ୍ତୁ : ଆଧାର/ମତଦାତା ପରିଚୟ ପତ୍ର/NREGA ଜବ୍ କାର୍ଡ/ଡ୍ରାଇଭିଂ ଲାଇସେନ୍ସ/ପାସପୋର୍ଟ/ନ୍ୟାସନାଲ ପପୁଲେସନ୍ ରେଜିଷ୍ଟାର ଦ୍ୱାରା ଜାରି ପତ୍ର ।




ନିଜର ବ୍ୟାଙ୍କର ନିକଟତମ ଶାଖା ଯାଇ ମଧ୍ୟ KYC ଅପଡେଟ୍ କରାଇପାରିବେ ।

ଅଧିକ ସୂଚନା ପାଇଁ, https://rbikehtahai.rbi.org.in/KYC ଭିଜିଟ୍ କରନ୍ତୁ

ଅଫିସିଆଲ୍ ହ୍ୱାଟ୍ସଆପ୍ ନମ୍ବର 99990 41935 / 99309 91935

ଜନହିତରେ ଜାରି

ଭାରତୀୟ ରିଜର୍ଭ ବ୍ୟାଙ୍କ

RESERVE BANK OF INDIA

www.rbi.org.in

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଆମେରିକା ସଂସଦରେ ଯୁଦ୍ଧ ରୋକିବାକୁ ପ୍ରସ୍ତାବ ଗୃହୀତ

ଆମେରିକୀୟ ସଂସଦରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଝଟକା । ଟ୍ରମ୍ପଙ୍କ ସୈନ୍ୟ ଶକ୍ତିକୁ ସୀମିତ କରିବା ଲାଗି ଉଦ୍ଦିଷ୍ଟ ଏକ ପ୍ରସ୍ତାବ ସଂସଦରେ ଗୃହୀତ ହୋଇଛି । ଏ ନେଇ ହୋଇଥିବା ଭୋଟିଂରେ ରିପବ୍ଲିକାନ୍ ପାର୍ଟିର ୪ ଜଣ ସାଂସଦ ବି ଡେମୋକ୍ରାଟଙ୍କ ସାଥ୍ ଦେଇଛନ୍ତି । ଆଉ ୩ ରିପବ୍ଲିକାନ୍ ସାଂସଦ ଭୋଟିଂରେ ସାମିଲ ନ ହୋଇ ପରୋକ୍ଷରେ ଟ୍ରମ୍ପଙ୍କୁ ବିରୋଧ କରିଛନ୍ତି । ଇରାନ ଯୁଦ୍ଧ ରୋକିବା ଦିଗରେ ଏହା ସହାୟକ ହେବା ଆଶା କରାଯାଉଛି । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ଯୁଦ୍ଧ ବନ୍ଦ ହେଉ ବୋଲି ଆମେରିକା ଚାହୁଁଛି । କେବଳ ଟ୍ରମ୍ପ୍ ଓ ତାଙ୍କର କିଛି ସହଯୋଗୀ ନିଜ ଜିଦରେ ପଛକୁ ହଟିବାକୁ ଚାହୁଁନାହାନ୍ତି ।

ଆମେରିକୀୟ ସଂସଦରେ ୫୦-୪୭ ଅନୁପାତରେ ପ୍ରସ୍ତାବ ପାସ୍ ହୋଇଛି । ତେବେ ଏହା ଆଇନରେ ପରିଣତ ହେବା ପାଇଁ ଆଉ କିଛି ପର୍ଯ୍ୟାୟ ଦେଇ ଏହାକୁ ଯିବାକୁ ପଡ଼ିପାରେ । ଯଦି ପ୍ରସ୍ତାବଟି ଆଇନରେ ପରିଣତ ହୁଏ, ତେବେ ଟ୍ରମ୍ପ୍ ସରକାରକୁ ଇରାନ ବିରୋଧରେ ଯୁଦ୍ଧ ଜାରି ରଖିବା ସକାଶେ କଂଗ୍ରେସର ମଞ୍ଜୁରି ନେବାକୁ ପଡ଼ିବ । ଏବେ ସିନେଟରେ ଏହା ଉପରେ ଅନ୍ତିମ ଭୋଟିଂ ବାକି ରହିଛି । ଏହାପରେ ଏହାକୁ ରିପବ୍ଲିକାନ ବହୁମତ ଥିବା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭସର ମଞ୍ଜୁରି ନେବାକୁ ହେବ । ଏତିକିରେ କଥା ଶେଷ ହେବନାହିଁ । ଏହାପରେ ବି ଟ୍ରମ୍ପ୍ ଏହା ବିରୋଧରେ ନିଜ ଭିଟୋ କ୍ଷମତା ଉପଯୋଗ କରିପାରନ୍ତି । ଏହାପରେ ସେହି ଭିଟୋକୁ ରଦ୍ଦ କରିବା ସକାଶେ ସିନେଟ୍ ଏବଂ ହାଉସରେ ଦୃଇତୃତୀୟାଂଶ ବହୁମତ ଆବଶ୍ୟକ ପଡ଼ିବ, ଯାହା କି କଷ୍ଟକର ହୋଇପାରେ । ସଦ୍ୟ ଭୋଟ ବିରୋଧୀ ପକ୍ଷ ପାଇଁ ବଡ଼ ବିଜୟ ବୋଲି କୁହାଯାଉଛି । ଯୁଦ୍ଧ ଆରମ୍ଭରୁ ଅନେକ ବିରୋଧୀ ନେତା କହିଥିଲେ କି ଯୁଦ୍ଧ ଆରମ୍ଭ କରିବା କିମ୍ବା ସେନା ପଠାଇବାର ଅଧିକାର ରାଷ୍ଟ୍ରପତି ନୁହେଁ, ବରଂ ସଂସଦ ପାଖରେ ରହିବା ଉଚିତ । ଆମେରିକୀୟ ସମ୍ବିଧାନରେ ବି ଏହି ବ୍ୟବସ୍ଥା ରହିଛି । ଏହି ପ୍ରସ୍ତାବକୁ ଭର୍ଜିନିଆର ଡେମୋକ୍ରାଟ ସିନେଟର ଟିମ୍ କେନ୍ ଆଣିଥିଲେ । ବିତର୍କ ବେଳେ କେନ୍ କହିଲେ, ଏବେ ଯୁଦ୍ଧବିରତି ବାବଦରେ ଚର୍ଚ୍ଚା ହେଉଥିବାରୁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ସଂସଦ ସାମ୍ନାରେ ନିଜ ରଣନୀତି ଜଣାଇବାକୁ ପଡିବ । ଯୁଦ୍ଧ ଆରମ୍ଭ କରିବାର ଅଧିକାର କେବଳ ଟ୍ରମ୍ପଙ୍କ ପାଖରେ ନାହିଁ । ସଂସଦର ବି କିଛି କ୍ଷମତା ରହିଛି । ତେବେ ଆମେରିକା ସୁରକ୍ଷା ସକାଶେ ଟ୍ରମ୍ପ ନିଜ ଅଧିକାର ଅନୁସାରେ କାର୍ଯ୍ୟାନୁଷ୍ଠାନ ନେଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ।

ଆମେରିକାରେ ପ୍ରଚଳିତ ଆଇନ ଅନୁସାରେ, ରାଷ୍ଟ୍ରପତି ସଂସଦର ମଞ୍ଜୁରି ନନେଇ କେବଳ ୬୦ ଦିନ ପର୍ଯ୍ୟନ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ନେଇପାରିବେ । ଏହାପରେ ଯୁଦ୍ଧ ଶେଷ କରିବାକୁ ହେବ କିମ୍ବା ଏହାକୁ ଆଗକୁ ବଢ଼ାଇବା ଲାଗି କଂଗ୍ରେସ (ସଂସଦ)ର ଅନୁମତି ନେବାକୁ ପଡ଼ିବ ଅଥବା ସେନାର ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ୩୦ ଦିନର ଅତିରିକ୍ତ ମହଲତ ଲୋଡ଼ିବାକୁ ହେବ ।

# କଳିଙ୍ଗ ଯୁଦ୍ଧର ସ୍ଥାନ କେଉଁଠି ?



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଭୁବନେଶ୍ୱର ସହରର ଦକ୍ଷିଣ-ପୂର୍ବଦିଗ (୨୦୦୧୫ଘ / ୮୫୦୫୨ର)ରେ ରହିଛି ଧଉଳି ପାହାଡ଼ । ଯେଉଁଠାରେ ମଗଧ ସମ୍ରାଟ ଅଶୋକଙ୍କ ଐତିହାସିକ ମୂଲ୍ୟବୋଧ ଥିବା ପ୍ରାକୃତ ଲିପିର ଚତୁର୍ଦ୍ଦଶ ସ୍ୱତନ୍ତ୍ର ଧର୍ମାନୁଶାସନ ପ୍ରସ୍ତର ଗାତ୍ରରେ ଖୋଦିତ ହୋଇଛି ଏବଂ ତାହା ଉପରେ ରହିଛି ହସ୍ତୀର ମୂର୍ତ୍ତି । ପାହାଡ଼ର ନାମ ଧଉଳି ଯାହାକି ଧବଳ ଶବ୍ଦରୁ ହିଁ ଅପଭ୍ରଂଶ ହୋଇଛି ବୋଲି କହିଲେ ଭଲ ହେବନାହିଁ । ଏହି ଧବଳ ଶବ୍ଦକୁ ଓଡ଼ିଆରେ 'ଧଳା' ଅର୍ଥରେ ହିଁ ଗ୍ରହଣ କରାଯାଇଥାଏ । ତେବେ ବିଭିନ୍ନ ଭାଷାରେ ଧବଳ ଶବ୍ଦ କିଭଳି ଭାବରେ ଅର୍ଥ କରାଯାଇଛି ତାହା ନିମ୍ନୋକ୍ତ ସୂଚନାରୁ ମିଳିଥାଏ ।

| ଭାଷା | ବ୍ୟବହାର | ଅର୍ଥ |
|---|---|---|
| ପାଲୀ | ଧବଳ | ଧଳା |
| ପାକ୍ରିତ | ଧବଳ | ଧଳା |
| ସିନ୍ଧୀ | ଧଉରୋ | ଧଳା (ପଶୁ ଅର୍ଥରେ) |
| ଲହାଣ୍ଡା | ଧୋଳ | ଧଳା (ପଶୁ ଅର୍ଥରେ) |
| ପଞ୍ଜାବୀ | ଧଉଳ | ଧଳା |
| ଚାମେଲି ପଶ୍ଚିମ ପାହାଡ଼ି | ଧଉଳ | ଧଳା (କେଶ ଅର୍ଥରେ) |
| କୁମାୟୁନୀ | ଧଉଳ | ଧଳା |
| ଆସାମୀ | ଧଳା | ଧଳା |
| ବଙ୍ଗଳା | ଧଳା | ଧଳା |
| ଓଡ଼ିଆ | ଧଉଳ, ଧଳା | ଧଳା |
| ପୁରୁଣା ଆଓଧୀ | ଧଉର | ଧଳା |
| ହିନ୍ଦୀ | ଧଉଳ, ଧଉର, ଧୋର | ଧଳା |
| ପୁରୁଣା ଗୁଜରାଟୀ | ଧଉଳାଉ | ଧଳା |
| ଗୁଜରାଟୀ | ଧଳୁ | ଧଳା |
| ମରାଠୀ | ଧବଳ, ଧବଲା | ଧଳା |
| ସିଂହଳ | ଧବଲୁ | ଧଳା |

ଧଉଳି ନିକଟରେ ରହିଥିବା ପ୍ରସିଦ୍ଧ ବୌଦ୍ଧପୀଠଗୁଡ଼ିକ ସମ୍ପର୍କରେ ଆଲୋଚନା ପୂର୍ବରୁ ହୋଇଯାଇଛି । ପାହାଡ଼ର ନାମ ଥିଲା ଧବଳ ଯାହାକି କ୍ରମଶଃ ଧଉଳିକୁ ରୂପାନ୍ତରିତ ହୋଇଛି । ମାତ୍ର ଶିଳାଲିପିରେ ପାହାଡ଼ର ନାମ କ'ଣ ଥିଲା ଲିଭିଯାଇଥିବାରୁ ତାହା ଜାଣିହେଉନାହିଁ । ସେହି ଶିଳାଲେଖର ପ୍ରଥମ ଧାଡ଼ି ପରେ ତୋଷାଳି ନାମୋଲ୍ଲେଖ ଥିବାର ଦେଖାଯାଏ ।

ବୌଦ୍ଧମାନେ ଧଳା ହାତୀକୁ ବିଶେଷ ପବିତ୍ର ମନେକରିଥାନ୍ତି କାରଣ ସେମାନଙ୍କ ମତରେ ହାତୀ ହିଁ ସବୁଠାରୁ ଅତି ପବିତ୍ର ପଶୁ ଯାହାକି ଭଗବାନ ଗୌତମବୁଦ୍ଧଙ୍କର ଅଂଶବିଶେଷ । ବୌଦ୍ଧମାନଙ୍କର କଳାକୃତିରେ ହାତୀର ଚିତ୍ର ସବୁଠାରୁ ଆଦରଣୀୟ । ପୁଣି ହାତୀ ହେଉଛି ବର୍ଷା ଓ ମେଘର ପ୍ରତୀକ । ବୌଦ୍ଧମାନଙ୍କ ମତରେ ବୁଦ୍ଧଦେବ ପୁନର୍ବାର ପୃଥିବୀକୁ ଧଳାହାତୀ ରୂପ ନେଇ ଆସିବେ । ବୁଦ୍ଧଙ୍କ ଜନ୍ମ ସମ୍ପର୍କରେ ଲୋକକଥା ପ୍ରଚଳିତ ଅଛି ଯେ ମାତା ମାୟାଦେବୀ ସ୍ୱପ୍ନରେ ଦେଖିଲେ ଯେ ଛଅଟି ଦାନ୍ତ ଥିବା ଧଳାହାତୀଟିଏ ତାଙ୍କ ଗର୍ଭ ମଧ୍ୟରେ ପଶିଯାଉଛି ଓ ସେପରି ଗର୍ଭଧାରଣ ପରେ ଜନ୍ମ ନେଇଥିଲେ ଭଗବାନ ଗୌତମବୁଦ୍ଧ । ଜାତକ ଗଳ୍ପରେ ଧଳାହାତୀକୁ ବୌଦ୍ଧଧର୍ମର ପ୍ରତୀକ ଭାବରେ ଗ୍ରହଣ କରାଯାଇଛି । ବର୍ତ୍ତମାନ ବୌଦ୍ଧଦେଶ ଥାଇଲାଣ୍ଡର ପୂର୍ବ ନାମ ଥିଲା ଶ୍ୟାମ୍, ଯାହାର ଅର୍ଥ ଧଳା ହାତୀମାନଙ୍କର ଦେଶ ଏବଂ ସେଠାର ଜାତୀୟ ପତାକାରେ ମଧ୍ୟ ରହିଛି ଧଳା ହାତୀର ଚିହ୍ନ । ସମସ୍ତ ବୌଦ୍ଧସ୍ତୂପଗୁଡ଼ିକର ରଙ୍ଗକୁ ଧଳା କରାଯାଇଥାଏ । ତେଣୁ ଧବଳ ବା ଧଳା ବୌଦ୍ଧମାନଙ୍କ ପକ୍ଷରେ କିଭଳି ପବିତ୍ର ତାହା ଏଥିରୁ ସହଜେ ଅନୁମେୟ । ହିନ୍ଦୁମାନଙ୍କର ପୂଜିତ ଲକ୍ଷ୍ମୀଙ୍କର ଦୁଇପାଖରେ ଦୁଇଟି ହାତୀ ଥାଇ ତାଙ୍କୁ ଶୁଣ୍ଢରେ ପାଣି ଢାଳି ଗାଧୋଉଥିବାର ପ୍ରସ୍ତର ଖୋଦିତ ଚିତ୍ର ବିଭିନ୍ନ ମନ୍ଦିର ଗାତ୍ରରେ ଦେଖାଯାଏ । ତେଣୁ ଧଉଳି ଏକ ବୌଦ୍ଧପୀଠ ରୂପେ ନିଶ୍ଚିତ ଭାବରେ ପୂର୍ବରୁ ପରିଚିତ ଥିଲା । ତାହା ନହୋଇଥିଲେ ମଗଧ ସମ୍ରାଟ ଅଶୋକ ସେଠାର ପ୍ରସ୍ତର ଗାତ୍ରରେ ହାତୀର ମୂର୍ତ୍ତି ଖୋଦନ କରି ତାଙ୍କ ଧର୍ମାନୁଶାସନର ଶିଳାଲିପି ଆଦୌ ଖୋଳାଇନଥାନ୍ତେ ? ପୂର୍ବରୁ କୁହାଯାଇଛି ଯେ ଧଉଳିର ଚତୁଃପାର୍ଶ୍ୱରେ ବହୁ ପାହାଡ଼ ଓ ଜନପଦମାନ ରହିଛି ଯାହାକି ବୌଦ୍ଧ ପୀଠ ଭାବରେ ଦିନେ ବିବେଚିତ ହେଉଥିଲା । ସେହି ପାହାଡ଼ ତଳେ ବହି ଯାଉଥିବା ଦୟାନଦୀ କାଠଯୋଡ଼ିରୁ ବାହାରିଥିବା କୁଆଖାଇ ନଦୀର ଅଂଶବିଶେଷ । ସେହିପରି ଦକ୍ଷିଣ-ପଶ୍ଚିମ ଦିଗର ପ୍ରାୟ ୨କିଲୋମିଟର ବ୍ୟବଧାନରେ ରହିଛି କପିଳେଶ୍ୱର ନାମରେ ଜନପଦ । ଯେଉଁଠାରୁ ମଗଧ ସମ୍ରାଟ ଅଶୋକଙ୍କ ପ୍ରାକୃତ ଲିପିରେ ଲେଖାଥିବା ଏକ ଶିଳାଲେଖ ମିଳିଥିଲା । ସେଥିରୁ ଜଣାଗଲା ଯେ ସମ୍ରାଟ ଅଶୋକ ସେହି ଗ୍ରାମ ଗୌତମବୁଦ୍ଧଙ୍କ ଜନ୍ମସ୍ଥାନ ହୋଇଥିବାରୁ ସେଠାର କର ଆଦାୟ ଛାଡ଼ କରିଦେଇଥିଲେ, ଯାହାର ଆଲୋଚନା ଅନ୍ୟତ୍ର ହୋଇଛି । ଧଉଳି ପାହାଡ଼କୁ ଘେରି ରହିଥିବା ଅନ୍ୟ କ୍ଷୁଦ୍ର ପାହାଡ଼ମାନଙ୍କରେ ବୌଦ୍ଧ ସନ୍ନ୍ୟାସୀମାନେ ରହୁଥିବା ମାଦଳାପାଞ୍ଜିରେ ଉଲ୍ଲେଖ ଅଛି ଓ ସେ ସବୁର ସ୍ମାରକୀ ସେଠାରୁ ଆଜି ମଧ୍ୟ ଲିଭିଯାଇନାହିଁ । ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହେଉଛି ଧଉଳି ପାଦଦେଶର ଅନତୀ ଦୂରରେ ଥିବା ଶିଶିଲୋ ଗ୍ରାମ । ଯାହାକି ଶ୍ରୀଶୈଳ ଶବ୍ଦରୁ ଅପଭ୍ରଂଶ ହୋଇଥିବାର କୁହାଯାଇପାରେ । ଖ୍ରୀ.ଅ. ତୃତୀୟ ଶତାବ୍ଦୀରେ ଥେରାବାଡ଼ି ବୌଦ୍ଧମାନଙ୍କର ଏହା ଥିଲା ଏକ ପ୍ରସିଦ୍ଧ ସାଧନା କ୍ଷେତ୍ର ଯାହାକି ଆନ୍ଧ୍ର ରାଜ୍ୟର ନାଗାର୍ଜୁନକୋଣ୍ଡାରୁ ଆବିଷ୍କୃତ ଏକ ଅଭିଲେଖରୁ ଜଣାପଡ଼ିଛି । ଏଥିରେ ତୋଷାଳି ନାମୋଲ୍ଲେଖ ଥିବାର ଦେଖାଯାଏ । ସେହି ଜନପଦର ଉତ୍ତର ଓ ପୂର୍ବଦିଗକୁ କ୍ରମାନ୍ୱୟରେ ଲାଗି ରହିଛି ବୌଦ୍ଧଖଣ୍ଡ (ବୋଧଖଣ୍ଡି), ବୌଦ୍ଧପଡ଼ା (ବୁଦ୍ଧିପଡ଼ା) ଏବଂ ଗାରେଡ଼ିପାଞ୍ଚଣର ପ୍ରସିଦ୍ଧ ବୁଦ୍ଧନାଥ ନାମରେ ପୂଜିତ ଶିବଲିଙ୍ଗ । ଶିବଙ୍କ ନିମନ୍ତେ ଉଦ୍ଦିଷ୍ଟ ମନ୍ଦିରଟି ସୋମବଂଶର ରାଜତ୍ୱ ସମୟର ବୋଲି କୁହାଯାଇପାରେ । ଧଉଳିର ଦକ୍ଷିଣ ଦିଗରେ ପ୍ରାୟ ଦୁଇ କିଲୋମିଟର ବ୍ୟବଧାନରେ ରହିଛି ସୁନ୍ଦରପଦାର 'କାଳୁଆଶୁଣୀ' ନାମରେ ଦୁଇଟି ନାଗରାଣୀଙ୍କ ସହ ମଝିରେ ନାଗରାଜଙ୍କ ବିଗ୍ରହମାନ । ପ୍ରତ୍ୟେକର ମୁଣ୍ଡ ଉପରେ ପାଞ୍ଚଫଣାର ନାଗ । ତାହା ସହିତ ରହିଛି ନିକଟବର୍ତ୍ତୀ ପାଞ୍ଚଗାଁରେ ପୂଜିତ ପଞ୍ଚଫଣା ବିଶିଷ୍ଟ ଆହୁରି ଏକ ନାଗ ମୂର୍ତ୍ତି । ସେଠାରୁ ପ୍ରାୟ ୩କିଲୋମିଟର ଦୂର ପାହାଡ଼ର ଉତ୍ତର-ପଶ୍ଚିମ ଦିଗରେ ରହିଛି ଶିଶୁପାଳଗଡ଼ । ଯେଉଁଠାରେ ମାଟି ତଳୁ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଦୁଇଟି ବୌଦ୍ଧସ୍ତୂପ ଆବିଷ୍କୃତ ହୋଇଛି । ସେହିଭଳି ପଶ୍ଚିମ ଦିଗରେ ପ୍ରାୟ ଦୁଇ କିଲୋମିଟରର ବ୍ୟବଧାନରେ ଥିଲା ଖ୍ରୀ.ପୂ. ତୃତୀୟ ବା ଦ୍ୱିତୀୟ ଶତାବ୍ଦୀର ଏକ ମାଟି ସ୍ତୂପ । ଯାହାକି ପରବର୍ତ୍ତୀ କାଳରେ ଲୋକମାନଙ୍କ ଦ୍ୱାରା କବଳିତ ହୋଇ ତାହା ଉପରେ ଭବ୍ୟ ପ୍ରାସାଦମାନ ତିଆରି ହୋଇସାରିଛି । ସ୍ଥାନଟିର ନାମ ସାମନ୍ତରାପୁର ଯାହାକି ଶ୍ୟାମାତାରର ଅପଭ୍ରଂଶ ବୋଲି କୁହାଯାଇପାରେ । ଏହିପରି ବୌଦ୍ଧଧର୍ମର ଦେବତା ଓ ଦେବୀମାନଙ୍କ ନାମରେ ବିଭିନ୍ନ ଜନପଦମାନ ଧଉଳି ପାହାଡ଼କୁ ଘେରି ରହିଥିବାର ଏବେ ବି ଦେଖାଯାଏ ।


ଜୈନଗ୍ରନ୍ଥ ଆବଶ୍ୟକ ସୂତ୍ରରେ ତୋଷାଳି ରାଷ୍ଟ୍ରର ସୂଚନା ମିଳୁଛି । ସେହି ଧର୍ମର ୨୪ଜଣ ତୀର୍ଥଙ୍କରମାନଙ୍କ ମଧ୍ୟରୁ ଶେଷ ତୀର୍ଥଙ୍କର ମହାବୀର ତୋଷାଳି ଆସିଥିବାର ସେଥିର ବର୍ଣ୍ଣନାରେ ରହିଛି । ମଗଧ ସମ୍ରାଟ ଅଶୋକଙ୍କ ଧଉଳି ପାହାଡ଼ରେ ଖୋଦିତ ଶିଳାଲିପି ତୋଷାଳି ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବାର ଖୋଦିତ ହୋଇଛି । ପ୍ରତି ବର୍ଷର ତିଷ୍ୟା ନକ୍ଷତ୍ର ପଡୁଥିବା ଦିନରେ ଯେଉଁମାନେ ସେହି ସ୍ଥାନକୁ ଯିବେ, ସେଠାରେ ନିଯୁକ୍ତି ପାଇଥିବା ଧର୍ମାମାତ୍ୟମାନେ ଅନୁଶାସନରେ ଲେଖାଥିବା ଉପଦେଶମାନ ସେମାନଙ୍କୁ ବୁଝାଇଦେବେ । ସେହିଦିନ ବ୍ୟତୀତ ଅନ୍ୟ ଦିନମାନଙ୍କରେ ଗଲେ ମଧ୍ୟ ସେମାନଙ୍କୁ ସେହି ବିଷୟରେ ଜଣାଇ ଦିଆଯିବାର ସେଥିରେ ନିର୍ଦ୍ଦେଶ ରହିଛି । ସେ ସମ୍ପର୍କୀୟ ଆଲୋଚନା ବେଳେ ସମ୍ପୃକ୍ତ ଅନୁଶାସନର ପାଠକୁ ମଧ୍ୟ ଅନୁଧ୍ୟାନ କରାଯାଇପାରେ । ତିଷ୍ୟା ନକ୍ଷତ୍ର ତିଥିଠାରୁ ଆରମ୍ଭ ହେଉଥିବା ମାଘସପ୍ତମୀ ମେଳା ଭୁବନେଶ୍ୱର ଅଞ୍ଚଳରେ ସାତଦିନ ଧରି ପାଳନ କରାଯାଇଥାଏ । ମହାଜନମାନଙ୍କର ଅବତଂଶକ ସୂତ୍ରରୁ ଜଣାଯାଏ ଯେ ତୋଷାଳିରେ ଯୋଗଶିକ୍ଷାର ପ୍ରସିଦ୍ଧି ଥିଲା । ଗ୍ରୀକ୍ ଭୂଗୋଳବିତ୍ ଟଲୋମୀ ତୋଷାଳିକୁ ତୋଷଲାଇ ଲେଖିଛନ୍ତି । ସେହିଭଳି ତୋଷାଳି ମହାଭାରତ ଯୁଦ୍ଧରେ କୌରବମାନଙ୍କ ପକ୍ଷ ନେବା ସହ ସେଠାର ମଲ୍ଲମାନେ ବଳରାମଙ୍କ ସହିତ ଯୁଦ୍ଧ କରିଥିବାର ମହାଭାରତରେ ଉଲ୍ଲେଖ ଅଛି । ମୌର୍ଯ୍ୟ ଶାସନର ପ୍ରଚଳିତ ମୁଦ୍ରାମାନ ଧଉଳିଠାରେ ଥିବା ଅଶୋକଙ୍କ ଶିଳାଲିପି ନିକଟରୁ ମିଳିଥିବା ଜଣାପଡ଼େ । ଓଡ଼ିଶାର ଉପକୂଳ ଅଞ୍ଚଳ ଅର୍ଥାତ୍ ଦକ୍ଷିଣ ମହେନ୍ଦ୍ର ପର୍ବତଠାରୁ ଉତ୍ତରର କଂସାଇ ନଦୀ, ପୂର୍ବ ସମୁଦ୍ର ଉପକୂଳରୁ ବୌଦ୍ଧ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳ ଗୁପ୍ତଶାସନ କାଳରେ ତୋଷଳି ନାମରେ ପରିଚିତ ଥିଲା । ଖ୍ରୀ.ଅ. ଅଷ୍ଟମ ଶତାବ୍ଦୀର ଭୌମକର ବଂଶର ଶାସନ କାଳରେ ତୋଷାଳି ଦୁଇଭାଗରେ ବିଭକ୍ତ ଥିଲା । ଏହି ଦୁଇଭାଗର ସୀମା ଥିଲା ମହାନଦୀ । ତୋଷାଳି ହିଁ ଉତ୍କଳକୁ ବୁଝାଯାଉଥିବାର ଚୌରାଶୀରୁ ମିଳିଥିବା ଅନ୍ୟ ଏକ ଅଭିଲେଖରୁ ସୂଚନା ମିଳେ । ଅଥର୍ବବେଦ ପରିଶିଷ୍ଟରେ ତୋଷଳ ଏବଂ କୋଶଳର ନାମୋଲ୍ଲେଖ ଥିବାର ଦେଖିବାକୁ ମିଳେ ଓ ଏହି ଦୁଇ ଦେଶର ସୀମା ଦକ୍ଷିଣ ସମୁଦ୍ର କୂଳରେ ଥିବାର କୁହାଯାଏ । ମତ୍ସ୍ୟପୁରାଣରେ ତୋଷଳ ଓ କୋଶଳ ପାଖାପାଖି ଥିବାର ଉଲ୍ଲେଖ ଅଛି । ବ୍ରହ୍ମପୁରାଣରେ କୋଶଳ ଓ ତୋଷଳାକ୍ଷର ସୀମା ନିର୍ଦ୍ଧାରିତ ହୋଇଛି । ଭରତଙ୍କ ନାଟ୍ୟଶାସ୍ତ୍ରରେ କୋଶଳ, ତୋଷଳ ଓ କଳିଙ୍ଗର ନାମ ରହିଛି । ଭାଗବତ ମହାପୁରାଣର ବ୍ୟାକରଣରେ କଳିଙ୍ଗ-କୋଶଳ, ତୋଷଳ ଓ ଉତ୍କଳର ବର୍ଣ୍ଣନା ଅଛି । କାବ୍ୟ ମିମାଂଶାରେ କଳିଙ୍ଗ, କୋଶଳ, ତୋଷୋଳୋତ୍କଳର ନାମ ରହିବା ସହ ମଗଧ, ପଣ୍ଡୁ ଏବଂ ତାମ୍ରଲିପ୍ତିର ସୀମା ନିର୍ଦ୍ଧାରଣ କରାହୋଇଛି । ଭୁବନେଶ୍ୱରସ୍ଥ ଖଣ୍ଡଗିରି-ଉଦୟଗିରି ହାତୀଗୁମ୍ଫାରେ ଥିବା ଖାରବେଳଙ୍କ ଶିଳାଲିପିର ପଞ୍ଚମ ଧାଡ଼ିରେ 'ତଉସୂଳିୟ ଓ୍ୱାଟ' ପ୍ରାକୃତ ଲିପିରେ ଲେଖାଥିବାର ଦେଖିବାକୁ ମିଳେ । ଏହା ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର । ଏହି ତଉସୂଳିୟ ହିଁ ତୋଷାଳିକୁ ବୁଝାଯାଇଥାଏ । ତୋଷାଳି ସେତେବେଳେ କଳିଙ୍ଗ ଅଧୀନରେ ଥିବାର ତଥ୍ୟ କୌଣସିଠାରୁ ଆଜି ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ । ତେବେ ପାକିସ୍ତାନର ସିନ୍ଧୁପ୍ରଦେଶ ଅନ୍ତର୍ଗତ ସାହାବାଜଗଡ଼ିର ଅଶୋକଙ୍କ ଶିଳାଲିପିରେ ଲେଖାଥିବା କଳିଙ୍ଗ ଯୁଦ୍ଧର ସ୍ଥାନ ଏବେ ବି ଅମୀମାଂସିତ । ଯେଉଁ କେତେକ ଧଉଳିଠାରେ କଳିଙ୍ଗଯୁଦ୍ଧ ହୋଇଥିବାର କହିଥାନ୍ତି ସେମାନେ ଏଥିରେ ଉତ୍ତର ଦେବେ କି ?

# ଜେଲଗୁଡିକରେ ସ୍ୱାସ୍ଥ୍ୟ ସମସ୍ୟା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଭାରତୀୟ ଜେଲଗୁଡିକରେ କଏଦୀଙ୍କ ଭିଡ ବା ଗହଳି କାହାରିକୁ ବୋଧହୁଏ ଅଛପା ନାହିଁ । ଯାହାକି ଏକ ଗୁରୁତର ସଂକଟ ଭାବେ ଉଭା ହୋଇଛି । ଦେଶର ୧୩୩୨ଟି ଜେଲରେ ଏବେ ୫,୩୦,୩୩୩ଜଣ କଏଦୀ ଅଛନ୍ତି । ଏହି ଜେଲଗୁଡିକରେ ୪,୩୯,୧୧୯ କଏଦୀ ରହିବା ପାଇଁ ବ୍ୟବସ୍ଥା ରହିଥିବାବେଳେ ପ୍ରାୟ ଏକଲକ୍ଷ ଅର୍ଥାତ ୨୦.୮ ପ୍ରତିଶତ ଅଛନ୍ତି । ଏହି କଏଦୀ ମଧ୍ୟରେ ୭୪ ପ୍ରତିଶତ ହେଉଛନ୍ତି ବିଚାରାଧୀନ । ସେହିପରି ଆମ ରାଜ୍ୟରେ ୮୬ଟି ଜେଲରେ ୧୮,୧୭୬ ଜଣ କଏଦୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ୪,୧୩୬ଜଣ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଥିବାବେଳେ ୧୪,୦୪୦ ଜଣ ହେଉଛନ୍ତି ବିଚାରାଧୀନ । ରାଜ୍ୟରେ ଜେଲଗୁଡିକରେ ମୋଟ ୨୪,୧୮୯ ଜଣ କଏଦୀ ରହିବା ବ୍ୟବସ୍ଥା ଥିବାବେଳେ ଜେଲ ଅନ୍ତେବାସୀଙ୍କ ସଂଖ୍ୟା ଏହାଠାରୁ କମ ରହିଛି । କିନ୍ତୁ ରାଜ୍ୟରେ ଥିବା ସ୍ୱତନ୍ତ୍ର ଜେଲଗୁଡ଼ିକରେ କଏଦୀଙ୍କ ଭିଡ ନିଶ୍ଚିତ ଭାବେ ଉଦ୍‌ବେଗଜନକ । କହିବା ବାହୁଲ୍ୟ ଯେ, ଭାରତୀୟ ଜେଲଗୁଡିକରେ କଏଦୀଙ୍କ ଗହଳି ଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଅତ୍ୟନ୍ତ ଚିନ୍ତାଜନକ ସ୍ଥିତିରେ ରହିଛି । ବୋଧହୁଏ ଏଇଥିପାଇଁ ଭାରତୀୟ ଜେଲଗୁଡିକ ବିଖ୍ୟାତ । ଜେଲଗୁଡିକରେ ଦୁର୍ବଳ ଭିତ୍ତିଭୂମି ଏବଂ ସ୍ୱାସ୍ଥ୍ୟ ସାଧାରଣତଃ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ନହେବା ପର୍ଯ୍ୟନ୍ତ ସେମାନଙ୍କ ଅଣଦେଖା ମୁଖ୍ୟ କାରଣ ହୋଇଥାଏ । ଉଲ୍ଲେଖଯୋଗ୍ୟ ଯେ, ଜଣେ କଏଦି କେବେହେଲେ ସ୍ୱାସ୍ଥ୍ୟ ଅଧିକାର ହରାଏ ନାହିଁ । ଅଦାଲତ ଏହା ଉପରେ ବାରମ୍ବାର ଗୁରୁତ୍ୱ ଦେଇ ଆସିଛନ୍ତି । ତଥାପି ଏଥିପ୍ରତି ଜେଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇନଥିବା କୁହାଯାଏ । ଜଳପାଇଗୁଡି କେନ୍ଦ୍ରୀୟ ସୁଧାର ଗୃହରେ ଗତ ୨୦୨୫ ଅଗଷ୍ଟ ୨୦ତାରିଖରୁ ୨୦୨୬ ମାର୍ଚ୍ଚ ୯ତାରିଖ ମଧ୍ୟରେ ୯୨ଜଣ ଅନ୍ତେବାସୀ ମାରତ୍ମକ ହରପିସ୍ ସିମ୍ପ୍ଲେସ୍ ଭାଇରସ (ଏଚଏସଭି) ରୋଗରେ ଆକ୍ରାନ୍ତ, ଯେଉଁ ରୋଗରେ ଆକ୍ରାନ୍ତର ଶରୀରର ବିଭିନ୍ନ ସ୍ଥାନରେ ଫୋଟକା ଦେଖାଯାଇଥାଏ । ଏଥିରେ ଆକ୍ରାନ୍ତ ୭ଜଣ ରୋଗୀଙ୍କର ମୃତ୍ୟୁ ଘଟିଥିଲା । ଏଚଏସଭି ଏକ ସାଧାରଣ ରୋଗ । କିନ୍ତୁ ସ୍ୱାସ୍ଥ୍ୟ ବିଶାରଦମାନେ କହନ୍ତି ଯେ, ଭିଡ ସାଙ୍ଗକୁ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଓ ଦୁର୍ବଳ ସ୍ୱାସ୍ଥ୍ୟସେବା ଯୋଗୁଁ ଏହି ରୋଗ ବ୍ୟାପିଥାଏ । ଶେଷରେ ଏହି ରୋଗ ମସ୍ତିଷ୍କ ପ୍ରବାହ ବା ଏନସେଫାଲାଇଟସ୍‌ରେ ରୂପାନ୍ତରିତ ହୋଇଥାଏ । ଯାହାକି ଅତ୍ୟନ୍ତ ମାରାତ୍ମକ ରୋଗ ବୋଲି କୁହାଯାଏ । ସୁଧାର ଗୃହରେ ଅନ୍ତେବସୀଙ୍କ ସଂଖ୍ୟା ଭିଡ ଏହି ରୋଗ ଉତ୍ପତ୍ତିର ମୁଖ୍ୟ କାରଣ ଥିବା କୁହାଯାଇଛି । ଭାରତୀୟ ଜେଲ ପରିସଂଖ୍ୟାନ ରିପୋର୍ଟ-୨୦୨୩ରେ କୁହାଯାଇଛି ଯେ, ପଶ୍ଚିମବଙ୍ଗରେ ସାଧାରତଃ ବହୁ ଜେଲରେ ଅନ୍ତେବାସୀଙ୍କ ସଂଖ୍ୟା ୧୬୦ ପ୍ରତିଶତରୁ ଅଧିକ ଥିବା ବେଳେ କାଣ୍ଡି ସବ୍ ଜେଲରେ ସାମର୍ଥ୍ୟ ଠାରୁ ୪୦୦ ପ୍ରତିଶତ କଏଦୀ ସଂଖ୍ୟା ପହଁଚିଥିଲା । ସେହିପରି କେରଳର ବହୁ ଜେଲରେ ସ୍ଥାନାଭାବ ଯୋଗୁଁ କଏଦୀମାନେ ଚର୍ମ ରୋଗରେ ସଂକ୍ରମିତ ହୋଇଥିଲେ । ବହୁ ପ୍ରସାରିତ ସ୍ୱାସ୍ଥ୍ୟ ପତ୍ରିକା ଲାନ୍‌ସେଟରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଭାରତୀୟ ଜେଲଗୁଡିକରେ ସାଧାରଣ ଜନବହୁଳତା ତୁଳନାରେ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ଅଧିକ । ନାଗପୁର ଓ ଇନ୍ଦୋର କେନ୍ଦ୍ରୀୟ ଜେଲରେ ମହାମାରୀ କରୋନା ସଂକ୍ରମଣ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଥିଲା । ସେହିପରି ଇଣ୍ଡିଆ ଜଷ୍ଟିସ ରିପୋର୍ଟ-୨୦୨୫ ଅନୁଯାୟୀ ଭାରତୀୟ ଜେଲଗୁଡିକରେ ଅନ୍ତେବାସୀଙ୍କ ମଧ୍ୟରେ ଏଚଆଇଭିର ବ୍ୟାପକତା ଜାତୀୟ ହାରଠାରୁ ଅଧିକ । ଚିକିତ୍ସା ଉପକରଣରେ ଅଭାବ ଏବଂ ଉପକରଣଗୁଡିକର ମିଳିତ ବ୍ୟବହାର ଏଡସ୍ ବା ଏଚଆଇଭି ସଂକ୍ରମଣର ମୁଖ୍ୟ କାରଣ ବୋଲି ରିପୋର୍ଟରେ କୁହାଯାଇଛି । ଭାରତୀୟ ଜେଲଗୁଡିକରେ କଏଦୀମାନଙ୍କର ପ୍ରବଳ ଗହଳି କେବଳ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇ ନାହିଁ, ସେମାନଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି । ଜେଲରେ କଏଦୀ ସ୍ୱାସ୍ଥ୍ୟରକ୍ଷା ଓ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ବ୍ୟାପକ ସଂସ୍କାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଥିବା ସତ୍ତ୍ୱେ ପ୍ରବଳ ଭିଡ ଲାଗି ରହିଛି । ବିଚାରାଧୀନ କଏଦୀମାନଙ୍କୁ ତୁରନ୍ତ ଜାମିନରେ ଖଲାସ କରିବା ପାଇଁ ସୁପ୍ରିମକୋର୍ଟ ଗୁରୁତ୍ୱ ଆରୋପ କରି ଆସୁଛନ୍ତି । ଏହା ସତ୍ତ୍ୱେ ଜେଲଗୁଡିକରେ କଏଦୀଙ୍କ ସଂଖ୍ୟା ବଢିବା ନିଶ୍ଚିତ ଚିନ୍ତାଜନକ । ଫାଷ୍ଟଟ୍ରାକ କୋର୍ଟରେ ବିଚାରାଧୀନ କଏଦୀଙ୍କ ମାମଲାର ଶୁଣାଣୀ କରାଯାଇ ତୁରନ୍ତ ଜାମିନ ପ୍ରଦାନ କଲେ, ସଂଖ୍ୟା ବଢିବ ନାହିଁ । ସେହିପରି ସାମାନ୍ୟ ଅପରାଧରେ ଜଡିତ ବ୍ୟକ୍ତିକୁ ଜେଲ ପଠାଇ ଦିଆଗଲେ ଭିଡ ସୃଷ୍ଟି ହୋଇନପାରେ ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ବେଙ୍ଗଫୁଲା

ଶ୍ରଦ୍ଧେୟ ଭକ୍ତବୃନ୍ଦ,ବେଙ୍ଗ ହେଉଛି ଉଭୟ ଚରପ୍ରାଣୀ,ସେ ସ୍ଥଳରେ ବୁଲିପାରିବ,ଜଳରେ ବୁଡି ପାରିବ । କିନ୍ତୁ ବେଙ୍ଗଫୁଲା ଖାଲି ପାଣିରେ ରହିଥାଏ । ସେ ଉପରକୁ ଉଠିଲା ପରେ ମରିଯିବ । ତାହାର କାରଣ କଣ ?ତାହାର କାରଣ ହେଉଛି ତା ନିଜର ଲାଞ୍ଜ । ଲାଞ୍ଜ ଛିଡିଲେ ଯାଇଁ ସେ ଉଭୟଚର ପ୍ରାଣୀ ହୋଇପାରିବ । ନଚେତ୍ ବୃଥା । ସେହିପରି ଆମେ ଭକ୍ତ ହେବା ପୂର୍ବରୁ ଆମେ ଚିନ୍ତା କରିବା ଉଚିତ୍ ଆମ ଲାଞ୍ଜ ଛିଡିଛି ନା ଅଛି । ଆମେ ଶିଷ୍ୟ ହେବା ପୂର୍ବରୁ ଆମେ ଚିନ୍ତା କରିବା ଉଚିତ୍ ଆମ ଲାଞ୍ଜ ଛିଡିଛି ନା ଅଛି । ପ୍ରଥମେ ଏହାକୁ ତୁମେ ବିଶ୍ଳେଷଣ କର । ନଚେତ୍ ନାଗସାପ କଣ ତୁମକୁ ଧଣ୍ଡସାପ ମାନେ ଖାଇଯିବେ । ତେଣୁ ସାବଧାନ । ତାହେଲେ ତୁମର ଲାଞ୍ଜଟିର ଅର୍ଥ କଣ ?ଏ ଲାଞ୍ଜଟିର ଅର୍ଥ(ମୋହ,ମାୟା)ରୂପକ ସଂସାର । ତେଣୁ ହେ ଭକ୍ତ,ହେ ଶିଷ୍ୟ ହେ ମନୁଷ୍ୟ ସାବଧାନ । ନିଜକୁ ଜଗ,କାରଣ ଜଗିଲେ ଯୋଗ୍ୟ,ନଚେତ ଯୋଗ୍ୟ ବେଶଥିବ କିନ୍ତୁ ଭୋଗୀ ଖାତରେ ପଡି ନାମ ନଉଥିବ । ଏଥିରେ କାହାର କିଛି ହେବନାହିଁ,ଏଥିରେ କ୍ଷତି କିନ୍ତୁ ତୁମରି ହେବ । ହରିଓଁ । (କ୍ରମଶଃ...)

# ସାବିତ୍ରୀ ବଜାରରେ ବିଚରା ପତି

ମୃଣାଳ ମନ୍ତ୍ର



ମୃଣାଳ
ମୋ : ୯୧ ୯୪୩୭୦ ୨୬୧୯୪

କେଉଁ ସୁଦୂର ଅତୀତରେ ରାଜଜେମା ସାବିତ୍ରୀ ତାଙ୍କ ପତି ସତ୍ୟବାନକୁ ଯମରାଜଙ୍କ ହାତରୁ ଛଡ଼େଇ ନେଇଥିଲେ ଯେ ଏଯାଏ ଓଡ଼ିଶାର ତମାମ ପତିମାନଙ୍କୁ ତାର ମୂଲ୍ୟ ଦେବାକୁ ପଡୁଛି । ବଜାର ଏବଂ ପ୍ରତିଷ୍ଠାନିକ ବ୍ୟବସ୍ଥା ବର୍ଷକୁ ବର୍ଷ ସେ ମୂଲ୍ୟ ବଢେଇ ଚାଲିଛନ୍ତି । ଏବକୁ ତ ଅବସ୍ଥା ଏମିତି ହେଲାଣି ଯେ ବହୁ ପତି ଭାବୁଛନ୍ତି ସେଦିନ ଯମରାଜ ସାବିତ୍ରୀଙ୍କ କଥା ନ ଶୁଣି ସତ୍ୟବାନଙ୍କୁ ବରଂ ନେଇଯାଇଥିଲେ ଭଲ ହୋଇଥାନ୍ତା । ଆମକୁ ଏ ମହରଗ ବଜାରରେ ଏମିତି ହନ୍ତସନ୍ତ ହେବାକୁ ପଡ଼ିନଥାନ୍ତା ।

ଏକଥା ସମସ୍ତେ ଜାଣନ୍ତି ଯେ ସଧବା ନାରୀମାନେ ପ୍ରତିବର୍ଷ ସାବିତ୍ରୀ ବ୍ରତ ପାଳନ କରି ପତିଙ୍କର ଦୀର୍ଘ ଜୀବନ କାମନା କରନ୍ତି । ସେଦିନ ସେମାନେ ପତିଙ୍କର ମଙ୍ଗଳ ପାଇଁ ପୂଜାର୍ଚ୍ଚନା କରନ୍ତି, ଅନ୍ନ ଭକ୍ଷଣ କରନ୍ତି ନାହିଁ, ଫଳାହାର କରନ୍ତି । ପତି ସେମାନଙ୍କୁ ନୂଆ ଲୁଗାପଟା ଦିଅନ୍ତି । ଏତିକି ବାଟ ଯାଏ ସବୁ ଠିକ ଅଛି । ସମସ୍ୟା ହେଲା, ଯେବେଠୁଁ ବ୍ରତ ଭିତରକୁ ବଜାର ଆଉ ପ୍ରତିଷ୍ଠାନିକ ବ୍ୟବସ୍ଥା ପଶିଲା । ବ୍ୟବସ୍ଥା ପୂଜାର ରୀତି ନୀତିରେ ନାନା କଥା ଯୋଡ଼ି ଦେଲା । କହିଲା - ସାବିତ୍ରୀ ବ୍ରତ ଦିନ ମହିଳାମାନେ ପୂଜା ସାମଗ୍ରୀ ଭିତରେ ଅମକ ଅମକ ଜିନିଷ ନେବେ, ୧୩ କିମ୍ବା ୧୫ ପ୍ରକାର ଫଳ ଖାଇବେ । ପତି ଅଲବତ ସେମାନଙ୍କୁ ଦାମିକିଆ ଲୁଗାପଟା, ପ୍ରସାଧାନୀ ସାମଗ୍ରୀ କିଣିଦେବେ । ବଜାର ଏହାକୁ ପରମ୍ପରା ଆଉ ନିୟମରେ ପରିଣତ କରିଦେଲା ।

ମୋତେ ତ ଲାଗେ ସାବିତ୍ରୀରେ ବ୍ରତ କରୁଥିବା ମହିଳାମାନେ ୧୩/୧୫ ପ୍ରକାର ଫଳ ଖାଇବେ - ଏ ସିଷ୍ଟମଟା ଫଳ ଦୋକାନୀମାନେ ଆରମ୍ଭ କରିଛନ୍ତି । ଅର୍ଥନୀତିର ସରଳ ନିୟମ ହେଲା - ଚାହିଦା ବଢିଲେ, ଯୋଗାଣ ବଢିବ ଆଉ ଦାମ ବଢିବ । ବାସ, ସାବିତ୍ରୀ ପୂର୍ବଦିନ ଫଳ ଦାମ ଆକାଶ ଛୁଆ । ପୁଣି ତେର କି ପନ୍ଦର ପ୍ରକାର ଫଳ ଦରକାର । ତେଣୁ କଷି ଜାମୁ ଜାମୁରୋଳକୁ ବି ଗୋଟା ପାଞ୍ଚ ଟଙ୍କା ଦରରେ ହୁଏ, ଏବଂ ବିଚାର ପତିମାନଙ୍କୁ ତାହା ବାପ ରାଣ ଢିଙ୍କି ଗିଳ ନ୍ୟାୟରେ କିଣିବାକୁ ପଡ଼େ । କିଣିଲାବେଳେ ସେମାନେ ଜାଣନ୍ତି ତାକୁ ଖାଇ ହେବନି, କେବଳ ବିଧି ରକ୍ଷା ପାଇଁ କିଣାଯିବ ଏବଂ ଫୋପଡ଼ା ଯିବ । ଏମିତି ଅଯୌକ୍ତିକ ପ୍ରଥା ଭାରତ ଭଳି ଗରିବ ଦେଶରେ କେମିତି ବର୍ଷ ବର୍ଷ ଧରି ଚାଲିଛି, ଶିକ୍ଷିତ ଲୋକେ ବି ଏହାକୁ ବିନା ପ୍ରଶ୍ନରେ ମାନି ନେଉଛନ୍ତି - ତାହା ଏକ ଗବେଷଣାର ବିଷୟ ହୋଇପାରେ ।

ଏତିକିରେ କଥା ସରୁନି । ସାବିତ୍ରୀରେ ଶାଢ଼ୀ ଦେବା, ପୁଣି ଦାମିକିଆ ଶାଢ଼ୀ ଏବଂ ପ୍ରସାଧନୀ ଜିନିଷ ଦେବା ଏକ ପ୍ରଥା ହେଲାଣି । ମୋତେ ଲାଗେ ବଜାର ଏ ପ୍ରଥା ତିଆରି କରିଛି । ନ୍ୟାରାଟିଭଟି ହେଲା: ଦାମିକିଆ ଲୁଗା ହେଉଛି ପତିର ପତ୍ନୀ ପ୍ରତି ପ୍ରେମର ମାପକାଠି । ଯେତେ ଦାମ - ସେତେ ପ୍ରେମ । ଅଭିଜ୍ଞତା କହୁଛି ବଜାର ତିଆରି ନ୍ୟାରାଟିଭକୁ ଅନେକେ ସତ ବୋଲି ମାନି ନିଅନ୍ତି । ଫଳ: ମାସ ଅଧାରେ ବିଚରା ପତିର ପକେଟ ଖାଲି । ମୁଣ୍ଡ ଟିଣ ।

# ଗପ ହେଲେ ବି ସତ



ଶ୍ୟାମସୁନ୍ଦର ଅଗ୍ରୱାଲା
୯୭, ଜନପଥ, ଭୁବନେଶ୍ୱର
୯୪୩୭୦୬୭୫୬୭

ଟ୍ରେନ ଲେଟ ଥିଲା । ପ୍ଲାଟଫର୍ମରେ ଜଣେ ଭଦ୍ରବ୍ୟକ୍ତି ଗୋଟେ ଖବରକାଗଜ ଓ ଗୋଟେ ପ୍ୟାକେଟ ବିସ୍କୁଟ ନେଇ ଟ୍ରେନ ଅପେକ୍ଷାରେ ବସିଥିଲେ । ଏହି ସମୟରେ ସେ ଦେଖିଲେ ଯେ ଅନ୍ୟ ଜଣେ ଭଦ୍ର ବ୍ୟକ୍ତି ତାଙ୍କ ପାଖରେ ଆସି ବସିଲେ ଓ ପାଞ୍ଚ□ ଦଶ ମିନିଟ ପରେ ତାଙ୍କ ବିସ୍କୁଟ ପ୍ୟାକେଟ ଖୋଲି ଗୋଟିଏ ପରେ ଗୋଟିଏ ଖାଇବାକୁ ଲାଗିଲେ ।

ପ୍ରଥମ ଭଦ୍ରବ୍ୟକ୍ତି ଜଣକ ଆଶ୍ଚର୍ଯ୍ୟ ହୋଇଗଲେ କିନ୍ତୁ ଚକ୍ଷୁଲଜ୍ୟାରେ ତାଙ୍କୁ କିଛି କହିପାରିଲେ ନାହିଁ । ଖୁବ ଜୋରରେ ଭୋକ ଲାଗୁଥିବାରୁ ସେ ସବୁଯାକ ବିସ୍କୁଟ ହରେଇବାକୁ ଚାହୁଁନଥିଲେ । ସେ ମଧ୍ୟ ଚୁପଚାପ ସେଥିରୁ ଗୋଟିଏ ଗୋଟିଏ ଖାଇବାକୁ ଲାଗିଲେ । କିଛି ସମୟ ପରେ ବିସ୍କୁଟ ପ୍ୟାକେଟ ସରି ଆସିଲା । ଗୋଟିଏ ବିସ୍କୁଟ ବଳିପଡ଼ିଥିଲା । ଦ୍ୱିତୀୟ ଭଦ୍ରବ୍ୟକ୍ତି ତାକୁ ଦି'ଖଣ୍ଡ କରିଦେଲେ ଓ ଖଣ୍ଡେ ନିଜେ ଖାଇ ଆର ଖଣ୍ଡକ ପ୍ରଥମ ଭଦ୍ରବ୍ୟକ୍ତିଙ୍କୁ ଧରେଇ ଦେଲେ । ଶେଷକୁ ଟିକେ ସେ ହସି ଦେଲେ ଓ ଖାଲି ପ୍ୟାକେଟକୁ ଡଷ୍ଟବିନରେ ପକେଇ ଦେଇ ସେଠୁ ଚାଲିଗଲେ ।

ପ୍ରଥମ ବ୍ୟକ୍ତି ତାଙ୍କର ଏ ପରି ବ୍ୟବହାରରେ କ୍ଷୁବ୍ଧ ହୋଇ କିଛି କହିବାକୁ ଯିବା ପୂର୍ବରୁ ଦେଖିଲେ ସେ ଯେଉଁ ବିସ୍କୁଟ ପ୍ୟାକେଟଟି କିଣିଥିଲେ ତାହା ନୂଆକୁ ନୂଆ ତାଙ୍କ କୋଳ ଉପରେ ଥୁଆ ହୋଇଛି ଯାହା ଖବରକାଗଜ ଆଢୁଆଳରେ ଦୃଷ୍ଟି ଗୋଚର ହେଉ ନ ଥିଲା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ରୌଦ୍ର ରାଗ

ଦେବାଶିଷ ଚକ୍ରବର୍ତ୍ତୀ

### ପାରଦ

ତାପର ପାରଦ ବଢୁଥିଲେ ସିନା
ମନରେ ଚହଟେ ଡର
ଦରବୃଦ୍ଧିର ପାରଦ ଲାଗଇ
ତାଠାରୁ ବି ଭୟଙ୍କର।

### ନିଆଁ

ବଣ ନିଆଁ ସିନା ଲିଭିଯାଇ ଥାଏ
ବରଷାର ଚୁମା ପାଇ
ଇର୍ଷାର ନିଆଁ ଲିଭେନାହିଁ କିନ୍ତୁ
ଜୁଇର ଶେଯରେ ଶୋଇ।

### କାଳ ବୈଶାଖୀ

ଦଣ୍ଡକ ଭିତରେ କାଳ ବୈଶାଖୀର
କୋପ ଯାଇଥାଏ ଥମି
ଅଥଚ ସହଜେ ହଟେ କି ସନ୍ଦେହ
ମନରେ ରହିଲେ ଜମି ?

### ପାଉଁଜି

ପାଉଁଜି ନାଇଲେ ନୂଆବୋହୂ ରୂପ
ଉଠଇ ସିନା ଚହଟି
ଡହକ ଖରାର ପାଉଁଜି ନାଇଲେ
ଝାଉଁଳେ ନୁଖୁରା ମାଟି।

### ଅଂଶୁଘାତ

ଖରାର ପ୍ରକୋପେ ବଢ଼ିଥାଏ ସିନା
ଅଂଶୁଘାତର ଡର
ଭୋକିଲା ପେଟର ପୀଡା ମନେ ହୁଏ
ତାଠାରୁ ତୀବ୍ରତର।



ମଣ୍ଡୁଆ, କେନ୍ଦୁଝର ଗଡ
ମୋ- ୯୪୩୭୭୫୨୩୯୫

# ସ୍ୱର

ସ୍ନିଗ୍ଧା ପଣ୍ଡା

ଶୁଣ ପକ୍ଷୀଟିଏ ଗାଉଚି କି ?
ଗାଇବା ଭିତରେ ପଠେଇ ଦଉଚି
ଛାତି ଗହୀରର ଗୋପନ ଖବର ।।

କିନ୍ତୁ କେଉଁଠି ସେ ପକ୍ଷୀ
ଗଛ ଡାଳ କି କୋରଡ
କି ଘରର ମଥାନ,
କେଉଁଠାରେ ଅଛି
ପବନରେ ଭାସୁଚି ଭଙ୍ଗା ଭଙ୍ଗା ସୁର
ଛୁଇଁ ଯାଉଚି କାନେ କାନେ
ଅଥଚ ସେ ଅଦୃଶ୍ୟ ଖୋଜୁଥିବା ଆଖିମାନଙ୍କୁ ।।

ଶୁଭୁଚି କି ନଈଟିଏ ବହିବାର ଗୀତ
ନିରାକାର ଆତ୍ମା କା'ର ପାଲଟୁଚି କି ଦେହ
ଖୋଜୁଚି କି ନିଜ ଅସ୍ତିତ୍ୱର ଠିକଣା
ଏଇଠି ପାଖରେ ଅଛି ନା ଅନେକ ଦୂରରେ
ସତରେ କି ଯାଉଛି ସେ ସମୁଦ୍ର ସନ୍ଧାନରେ ।।

ମାଟିର ଗୀତଟିଏ କାଲି କେହି ଗାଇ ଦେଇଥିଲା
ଶୁଭୁଛି କି ଆକାଶରୁ ପ୍ରତିଧ୍ୱନି ତା'ର
ଅବା ମହାଶୂନ୍ୟ ଦେଇଛି କି ତାରଟିଏ ବାନ୍ଧି
ତାରାରେ ତାରାରେ,
ସ୍ୱରଟିଏ ଝରୁଛି କି କାକର ଟୋପାରେ ।।

କେହି ଜଣେ ଗାଉଛି କି ପ୍ରାର୍ଥନା ଗଭୀର ରାତିରେ
ଖୋଜୁଚି କାହାକୁ କେହି ଶବ୍ଦର ଛାଇରେ
ମାଗୁଚି କି ନିସ୍ତାର କେ ଶବ୍ଦର ମାୟାରୁ
ଜାଣି ପୁଣି ଜାଣି ହେଉ ନାହିଁ
ଶୁଣି ପୁଣି ଶୁଣି ହେଉନାହିଁ ।।

ଏମିତିରେ ଆଲୁଅରେ ସବୁ ସ୍ୱର ଶୁଣାଯାଏ ନାହିଁ
କିଛି ସ୍ୱର ଲୋଡୁଥାଏ ନିଃଶବ୍ଦ ଅନ୍ଧାର
କିଛି ସ୍ୱର ଲୋଡୁଥାଏ ନୀରବ ପ୍ରହର ।।

ଲହଣ୍ଡା
ବରଗଡ ୭୬୮୦୧୮

# ଇଚ୍ଛାମୟ

ସାରଦା ପ୍ରସାଦ ଆଚାର୍ଯ୍ୟ

ଇଚ୍ଛାମୟ ଗଢନ୍ତି ମଣିଷ !

ମଣିଷ ଭିତରେ ନିଜ ଇଚ୍ଛାରେ
ରାଗ, ରୋଷ, ଅଭିମାନ,
ଈର୍ଷା, ହିଂସା,
ସବୁ ଗୁନ୍ଥି ପାଲଟି ଯାଆନ୍ତି ଗୋଟେ ଭଲ ମଣିଷ।

ସବୁବେଳେ ସନ୍ଦେହ ଘେରରେ
ତର୍କ ବିତର୍କ ପଛରେ ପଡ଼ିଯାଆନ୍ତି
ଗଢ଼ି ପାରୁଥିବା ବିଚରା ବିଶ୍ୱ ବିହାରୀ।

ବିଶ୍ୱ ବିଦ୍ୟାଳୟରେ ଅଙ୍କ, ସାହିତ୍ୟ, ଭୂଗୋଳ,
ଇତିହାସ, ସଂସ୍କୃତ, ବ୍ୟାକରଣ, ବିଜ୍ଞାନ ପଢାନ୍ତି।
ଅର୍ଥଶାସ୍ତ୍ର, କାମଶାସ୍ତ୍ର ସ୍ନାତକୋତ୍ତର ପାଠ୍ୟକ୍ରମରେ
ବେଶ୍ ସକ୍ରିୟ ରୁହନ୍ତି ।

ଇଚ୍ଛା ମୟ ଖୁବ୍ ଛଟପଟ ହୁଅନ୍ତି, ରାଜନୀତି କରନ୍ତି
ଗଢ଼ି ଥିବା ମଣିଷ ଭିତରେ ମାୟା, ଲୋଭ,
କାମନା, ମନସ୍ତାପ, ବିଷାଦ ଖୁବ୍ ଖୁନ୍ଦି ଦିଅନ୍ତି,
ଏସବୁ ଭିତରେ ସବୁ ବେଳେ ହସୁଥିବା ବେଳେ
ଏମାନେ ଭୋ ଭୋ କାନ୍ଦନ୍ତି।

ଏବେ କିନ୍ତୁ ଇଚ୍ଛାମୟଙ୍କ ମଣିଷ,
ଇଚ୍ଛାମୟ ହେବା ସମ୍ଭାବନାରେ ଅଛି।



କୋଡିଆଁ-ଜଗତସିଂହପୁର
୯୪୩୭୬୧୧୮୯୧

# ଘଟଣା

ପ୍ରଣୀତା ମିଶ୍ର

ଘଟଣା ତ ଘଟୁଥାଏ
ନିତିଦିନ ସବୁ ସମୟରେ
ବଜାର ଘାଟରେ
ସୁଦୂର ଉପତ୍ୟକାରେ
ତତଲା ମରୁଭୂମିରେ
ଅବା ସୁଉଚ୍ଚ ଶିଖରରେ।

ଘଟଣା ତ ଘଟିଯାଏ
ଆଖିର ପଲକରେ
କାହାର ବି ନିୟନ୍ତ୍ରଣ ନ ଥାଏ
କିଛି ଚିରାଚରିତ ସ୍ୱାଭାବିକ
କିଛି ଚହଲାଇଦିଏ ମନ
ଦହିଦିଏ ହୃଦୟ।

ଘଟଣା ଘଟିଯାଏ ଅଜାଣତରେ
ଦୁର୍ଘଟଣା ରୂପରେ
ଖବର ଛପେ ଖବରକାଗଜରେ ଦୂରଦର୍ଶନ
ପର୍ଦ୍ଦାରେ
'ଆହା ' ବୋଲି ବାହାରିଯାଏ ପଦୁଟିଏ

ଅନ୍ତରର ନିଭୃତ କୋଣରୁ
ଛାତିତଳ ଦୀର୍ଘଶ୍ୱାସ
ମିଶିବା ଆଗରୁ ଗଗନରେ ।

ଘଟଣାର ସ୍ଥାନ ପାତ୍ର
ସବୁ ନିହାତି ଅଜ୍ଞାତ ଅପରିଚିତ
କାହିଁ ଯୋଜନ ଯୋଜନ ଦୂରରୁ
ଲମ୍ବିଆସେ ସାହାଯ୍ୟର ହାତ
ଯେତେ ବେଳେ ହାତ ଟେକି ଦିଏ ପାଞ୍ଚାଳୀ
କୁରୁ ସଭା ତଳେ ଅସହାୟ ନିବସ୍ତ୍ର।

ଅବତୀର୍ଣ୍ଣ ହେବାକୁ ହୁଏ
ଅସମୟରେ ବି ରଣକ୍ଷେତ୍ରରେ
ନିଜ ହକ୍ ପାଇଁ
ଯୁଝିବାକୁ ହୁଏ ଯୁଦ୍ଧ
କ୍ଷୁଦ୍ର ଏକ କୁରୁକ୍ଷେତ୍ର।

ଏ ତ ଘଟଣାର ପ୍ରବାହ
କେତେବେଳେ ଘଟିଯିବ
ଅଘଟଣ ଅପଚୟ
ହାତେମାପି ଚାଖଣ୍ଡେ ଚାଲିବା ସମୟ
ଟେକିଦେଲେ ହାତଦୁଇ
ଆସିବେ କିବା କେଶବ
ଏ କଳିକାଳରେ ସେ କଣ
ସତେ ଅସହାୟ !!



ଭୁବନେଶ୍ୱର

# ତୁମ ଅପେକ୍ଷାରେ

ପ୍ରଜ୍ଞା ପରିମିତା ଜେନା

ମୁଁ ଯେ ଏକ ଚଞ୍ଚଳ ହରିଣୀ,
ସାଜିଛି ଆଜି ମୁଁ ତୁମ ପୂଜାରିଣୀ।
ଦେଖିଲି ଯେବେ ମୁ ତୁମକୁ ସେଦିନ
ହଜିଗଲି ତୁମ ପାଖେ ଦେଇଦେଲି ମନ।

ତୁମର ସେ ସ୍ନେହ ଭରା ଚାହାଣୀ,
କହିଯାଏ କେତେ ମିଠା ମିଠା କାହାଣୀ।
ଅନାଇ ବସିଛି ମୁଁ ତୁମ ଅପେକ୍ଷାରେ,
ବିଷ ଦେବ ନାହିଁ ମୋର ବିଶ୍ୱାସରେ।

ତୁମକୁ ପାଇ ମୁଁ ସବୁ ତ ପାଇଛି ,
ଆଉ ନାହିଁ ଆଶା ଜୀବନରେ କିଛି।
ତୁମର ସେ ସ୍ପର୍ଶ ମନେ ଅଛି ମୋର,
ଯେବେ ହାତ ଧରିଥିଲ ତୁମେ ପ୍ରଥମ ଥର।

ପ୍ରେମର ମାନେ ମୁଁ ତୁମଠୁ ଜାଣିଲି,
ସାଥୀ ରୂପେ ଆଜି ତୁମକୁ ପାଇଲି।
ତୁମ ଆସିବା ବାଟକୁ ଚାହିଁ ବସିଛି,
ଆଖିରେ ଆଖିଏ ସ୍ୱପ୍ନ ସଜେଇଛି।

ମାଗୁ ନାହିଁ ତୁମଠୁ ମୁଁ ଦାମୀ ଉପହାର,
କଥା ଦିଅ ସାଥୀ ମୋତେ କରିବନି ପର।



ପ୍ରତି ମୁହୂର୍ତ୍ତରେ ତୁମ କଥା ଭାବେ,
ଗୋଟେ ଦିନ ମୋତେ ଗୋଟେ ଯୁଗ ପରି ଲାଗେ।

ଏ ଅପେକ୍ଷାର କ'ଣ ଅନ୍ତ ନାହିଁ ,
ମୋ ପାଖକୁ ଆଉ ତୁମେ ଫେରିବ ନାହିଁ ?
ପ୍ରଶ୍ନଟି ପ୍ରତି ମୁହୂର୍ତ୍ତରେ କଷ୍ଟ ଦେଉଛି,
ଆଖିରୁ ଲୁହ ଝରି ମନ ଅସ୍ଥିର ଲାଗୁଛି।

ଏତେ କଷ୍ଟ ମୋତେ ଦିଅ ନାହିଁ ଆଉ,
ସହି ପାରୁନାହିଁ ଏ ଯନ୍ତ୍ରଣାର ଦାଉ।
ଜାଣିଛି ମୁଁ ତୁମେ ଆସିବ ଫେରି,
ନେଇଯିବ ମୋତେ ଆପଣାର କରି।

ତୁମ ବିନା ସବୁ ଲାଗେ ଅର୍ଥହୀନ,
ତୁମ ସହ ଥିଲେ ପୂର୍ଣ୍ଣ ହୋଇଥାଏ ସ୍ୱପ୍ନ।
ନିଅ ନାହିଁ ମୋର ଆଉ ଏତେ ପରୀକ୍ଷା,
ଫେରିଆସ ତୁମେ ମାଗୁଛି ମୁଁ ଭିକ୍ଷା।

ମୋ ମନର ମଣିଷ ତୁମେ ମୁଁ ତୁମ ପ୍ରେମିକା,
ସାଜିଛି ଆଜି ମୁଁ ଏଇ କାହାଣୀର ନାୟିକା।
ଅପେକ୍ଷାର ଅନ୍ତ ଦିନେ ତ ଘଟିବ,
ତୁମେ ଫେରିଆସି କୋଳେଇ ନେବ।

କୃଷ୍ଣପୁର, ବାଣପୁର, ଖୋର୍ଦ୍ଧା
ମୋ-୭୭୩୫୦୧୭୯୧୩

# 'ପ୍ରୀତିସିକ୍ତ'

ଡ. ସନ୍ତୋଷ କୁମାର ପଣ୍ଡା

ନିଃଶବ୍ଦ ରାତିର ନିଛାଟିଆ ଜହ୍ନ ପରି,
ତୁମେ ଆସି ପୁରିଯାଅ ମୋର ଶୂନ୍ୟତାରେ।
ତୁମ ପାଇଁ କୌଣସି ଛନ୍ଦର ଶୃଙ୍ଖଳା ନାହିଁ,
ନା ଅଛି କୌଣସି ଶବ୍ଦର ସୀମାରେଖା,
ତୁମେ ମୋ ଭାବନାର ସେଇ ଅମାନିଆ ନଈ,
ଯିଏ କୂଳ ଲଂଘି ବହିଯାଏ ଅହରହ।

ତୁମେ ଚାହିଁଲେ...
ମୋ ପୃଥିବୀର ସବୁ ଶୁଖିଲା ପତ୍ରରେ ସ୍ପନ୍ଦନ ଆସେ,
ତୁମ ଆଖିର ଗଭୀରତାରେ ମୁଁ ହଜିଯାଏ
କୌଣସି ନାବିକ ବିହୀନ ପଥହରା ନାଆ ପରି।
ତୁମେ କେବଳ ଏକ ଚେହେରା ନୁହଁ,
ତୁମେ ମୋ ପ୍ରତିଟି ଶ୍ୱାସର ସାନ୍ଦ୍ରତା,
ମୋ ନିରବତାର ସବୁଠୁ ମିଠା ସ୍ୱର।

ଲୋକେ କହନ୍ତି କବିତାରେ ମାତ୍ରା ଓ ମିଳନ ଲୋଡ଼ା,
ହେଲେ ତୁମ ପ୍ରେମରେ ମୁଁ ଏମିତି ବନ୍ଧା,
ଯେଉଁଠି ପ୍ରତିଟି ଅସଜଡ଼ା ଶବ୍ଦ ବି ଗୋଟିଏ ଗୋଟିଏ ଗୀତ।
ତୁମେ ମୋ ଉଦାସ ସଞ୍ଜର ସେଇ ଶେଷ କିରଣ,
ଯିଏ ଅନ୍ଧାର ହେବା ପୂର୍ବରୁ
ମୋ ସାରା ସତ୍ତାକୁ ଅନୁରାଗର ରଙ୍ଗରେ ରଙ୍ଗେଇ ଦେଇଯାଏ।



ହେ ପ୍ରୀତିସିକ୍ତ ପ୍ରିୟା ମୋର,
ମୋ ହୃଦୟର ପ୍ରତିଟି ସ୍ପନ୍ଦନରେ କେବଳ ତୁମରି ନାମ,
କୌଣସି ସର୍ତ୍ତ ନାହିଁ, କୌଣସି ବନ୍ଧନ ନାହିଁ,
ମୋର ଏଇ ପ୍ରେମ ଏମିତି ହିଁ ମୁକ୍ତ,
ଠିକ୍ ତୁମ ଆଖିର ନୀଳ ଆକାଶ ପରି।

କଟକ

# ମମତା

ଅରୁଣ କୁମାର ଦାସ

ଟିକିଏ ଦୂରେଇ ଗଲେ
ଛାତି ମୋର କୋରି ହେଲା ପରି ଲାଗେ
ମୁଣ୍ଡ ଉପର ଫାଙ୍କା ହୋଇ ଥାଏ
ଶରୀର ଅବଶ ହୁଏ।

ଘର ମୋର ଶୂନ୍ୟତାରେ ଭରି ଯାଏ
ଭବିଷ୍ୟତ କଥା ଭାବି ମନକୁ ବୁଝାଇ ଦିଏ
ମୋର ଦୁଃଖ ବୁଝିବାକୁ କେହି ନ ଥାନ୍ତି
ତା ବିନା କେଉଁଠି ମିଳେନା ଶାନ୍ତି ।
ସିଏ ଆସିଲେ ଘର ଭରି ଯାଏ
ଅଲୋଡା ପଡିଥିବା ବ୍ୟାଟଟି ଚଳ ଚଞ୍ଚଳ ହୁଏ
ଦୂର ଦର୍ଶନ ସଦା ଚାଲିଥାଏ
ମୋବାଇଲ ଫୋନ ବିଶ୍ରାମ ପାଏନା ।

ସିଏ ପଢିବାକୁ ଆସିବା ଦିନ ଲେନ୍ସ ତଳୁ ଲୁହ ପୋଛିବାକୁ ପଡେ
ଘରକୁ ଆସିବା ଦିନ ମନ ଆକାଶରେ ଉଡେ
କିପରି ଶୀଘ୍ର ପାଠ ପଢିବା ପାଇଁ ଆସିବ ସେ ଚିନ୍ତା କରେ
କିନ୍ତୁ ବାହାରିବାକୁ ପ୍ରସ୍ତୁତ ହେଲେ
ଲୁଚି ଲୁଚି ଲୁହ ନିଗାଡେ ।

ପ୍ରାୟ ଏକ ବର୍ଷ ହେବ ବାହାରେ ରହିଲାଣି
ଜମା ମନରୁ ପାଶୋରି ପାରେନି
କାହିଁକି କେଜାଣି କଷ୍ଟ ହୁଏ ଭାରି
ଏହାକୁ କାଳେ କୁହନ୍ତି ମମତା ତାହାରି ।

ଠାକୁରା, ପୁରୁଣା ଉଳମାଳ, ଧର୍ମଶାଳା, ଯାଜପୁର
ଖଣ୍ଡିତ ଅଶୁଭ ବୋଲି କହି ମଣିଷ,
ବିସର୍ଜିତ କରିଦିଏ ପୂଜୁଥିବା ଦିଅଁ।
ସମୟ ସ୍ରୋତରେ ସବୁକିଛି ଲିଭିଯାଏ,
ରୂପାନ୍ତରଣର ପ୍ରକ୍ରିୟା ଚାଲିଥାଏ।
କେହି ବି ବାଦ୍ ପଡନ୍ତି ନାହିଁ ଏଠି,
ସେ ବସ୍ତୁ ହେଉ ବା ଜୀବଜଗତ।

ଶାରୀରିକ/ମାନସିକ ଯାତନାର କ୍ଷତ,
ପ୍ରତିକ୍ଷଣ ବ୍ୟକ୍ତିତ୍ୱକୁ କରି ଚାଲେ ଖଣ୍ଡିତ।
ଶୁଭ ଅଶୁଭର ପ୍ରଶ୍ନ ଉଠେ ନାହିଁ କେବେ,
ଖଣ୍ଡିଆ ଜାଗାକୁ ଢାଙ୍କି ରଖା ହୁଏ ଯେବେ।
ନିଜକୁ ଖଣ୍ଡିତ, ଲୁଣ୍ଠିତ, କୁଣ୍ଠିତ ଜାଣି ବି,
ସେଇ ଅଜଣା ଅଭିନୟ କରିଚାଲେ ମଣିଷ।





ଠାକୁରା, ପୁରୁଣା ଉଳମାଳ,
ଧର୍ମଶାଳା, ଯାଜପୁର

32 YEARS
ସମ୍ବାଦ କଳିକା
ଖେଳ
ଭୁବନେଶ୍ୱର, ୨୨ ମଇ, ଶୁକ୍ରବାର, ୨୦୨୬


# ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ମ୍ୟାଚ୍ ଫି'ର ୧୦% କାଟିଲା ବିସିସିଆଇ



**ନୂଆଦିଲ୍ଲୀ**

ଖେଳାଳି ଏବଂ ଦଳ ଅଧିକାରୀମାନଙ୍କ ପାଇଁ ପ୍ରଯୁଜ୍ୟ ଆଇପିଏଲ ଆଚରଣ ସଂହିତା (ସ୍ତର ୧) ଉଲ୍ଲଂଘନ କରି ଫସିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ତାଙ୍କ ମ୍ୟାଚ ଫି'ର ୧୦% ଜରିମାନା କରାଯାଇଛି। ଏହା ସହିତ ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ଦିଆଯାଇଛି। କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ୍ ସମୟରେ ଏହି ଘଟଣା ଘଟିଥିଲା। ହାର୍ଦ୍ଦିକ ଏକ କ୍ୟାଚ୍ ଛାଡ଼ିବା ପରେ ତାହା ଚୌକା ହୋଇଯାଇଥିଲା। ଏଥିରେ ହତାଶ ହୋଇ ବେଲ ବାହାର କରିଥିଲେ। ଏକ ବିବୃତ୍ତିରେ ବିସିସିଆଇ ନିଶ୍ଚିତ କରିଛି ଯେ, ହାର୍ଦ୍ଦିକ ପାଣ୍ଡ୍ୟା ଆଇପିଏଲ ଆଚରଣ ସଂହିତାର ଧାରା ୨.୨ ଉଲ୍ଲଂଘନ କରିଥିବା ଜଣାପଡ଼ିଥିଲା। ଏହି ଧାରା ଏକ ମ୍ୟାଚ୍ ସମୟରେ କ୍ରିକେଟ ଉପକରଣ କିମ୍ବା ପୋଷାକ, ଗ୍ରାଉଣ୍ଡ ଉପକରଣ କିମ୍ବା ଫିକ୍ସଚର ଏବଂ ଫିଟିଂର ଅପବ୍ୟବହାର ସହିତ ଜଡ଼ିତ।

ହାର୍ଦ୍ଦିକ ପାଣ୍ଡ୍ୟା ଅପରାଧ ସ୍ୱୀକାର କରିଥିଲେ ଏବଂ ମ୍ୟାଚ୍ ରେଫରିଙ୍କ ଦ୍ୱାରା ଲାଗୁ ହୋଇଥିବା ଦଣ୍ଡକୁ ଗ୍ରହଣ କରିଥିଲେ। ଏହା ଉଲ୍ଲେଖନୀୟ ଯେ, ହାର୍ଦ୍ଦିକ ଆଘାତ ଯୋଗୁ ପୂର୍ବ କିଛି ମ୍ୟାଚ ଖେଳି ନ ଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ପୂର୍ବରୁ ଆଇପିଏଲ ୨୦୨୬ ପ୍ଲେଅଫ ଦୌଡ଼ରୁ ବାଦ୍ ପଡ଼ିଛି।

# ଚେନ୍ନାଇକୁ ୮୯ ରନ୍‌ରେ ହରାଇଲା ଗୁଜରାଟ : ପ୍ଲେଅଫ୍‌ରୁ ବାଦ୍ ପଡ଼ିଲା ସିଏସ୍‌କେ

**ଅହମଦାବାଦ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ରେ ନିଜର ଶେଷ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସର ଖେଳାଳିମାନେ ବଡ଼ ଉଦ୍ୟମ କରିଛନ୍ତି। ଶୁଭମନ ଗିଲଙ୍କ ଟିମ୍ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଚେନ୍ନାଇକୁ ଗୁଜରାଟ ୮୯ ରନ୍‌ରେ ପରାସ୍ତ କରିଛି। ଗୁଜରାଟ ପାଇଁ ମହମ୍ମଦ ସିରାଜ, ରସିଦ ଖାନ ଏବଂ କାଗିସୋ ରାବଡ଼ା ୩-୩-୩ ୱିକେଟ୍ ନେଇଛନ୍ତି। ଏହି ପରାଜୟ ସହିତ ଚେନ୍ନାଇର ପ୍ଲେଅଫ୍ ଖେଳିବାର ସ୍ୱପ୍ନ ଧୂଳିସାତ୍ ହୋଇଛି।

୨୩୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଚେନ୍ନାଇ ବ୍ୟାଟିଂ କରିଥିଲା। ଋତୁରାଜ ଗାଏକ୍ୱାର୍ଡଙ୍କ ନେତୃତ୍ୱରେ ଚେନ୍ନାଇ ୧୩.୪ ଓଭରରେ ୫ ୱିକେଟ ହରାଇ ୧୪୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ଚେନ୍ନାଇର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ଦଳର ସ୍କୋର ୫୧ ରନ୍ ବେଳକୁ ୫.୧ ଓଭରରେ ୪ଜଣ ଖେଳାଳି ଆଉଟ୍ ହୋଇସାରିଥିଲେ। ଏଥିରେ ସଞ୍ଜୁ ସାମସନ (୦),



ଋତୁରାଜ ଗାଏକ୍ୱାର୍ଡ (୧୬), ଉର୍ଭିଲ ପଟେଲ (୦) ଏବଂ ମ୍ୟାଥ୍ୟୁ ସର୍ଟ (୨୪) ସାମିଲ ଅଛନ୍ତି। ସେହିପରି କାର୍ତ୍ତିକ ଶର୍ମା ମଧ୍ୟ କ୍ରିଜ୍‌ରେ ଅଧିକ ସମୟ ଟିକି ପାରି ନଥିଲେ। ସେ ୧୫ଟି ବଲ୍ ଖେଳି ୧୯ ରନ୍ ସଂଗ୍ରହ କରିଥିଲେ।

ଏକଦା ଚେନ୍ନାଇ ପାଇଁ ଆଶା ସଞ୍ଚାର ଦେଖାଇଥିବା ଶିଭମ ଦୁବେ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୧୭ଟି ବଲ୍ ଖେଳି ୪ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ଶିଭମ ଦୁବେ ଆଉଟ୍ ହେଲା ପରେ ଚେନ୍ନାଇର ମ୍ୟାଚ୍ ବିଜୟ ଆଶା ମଉଳି ଯାଇଥିଲା।

ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗୁଜରାଟ ଆଗଧାଡ଼ିର ୩ଜଣ ବ୍ୟାଟର (ସାଇ ସୁଦର୍ଶନ, ଶୁଭମନ ଗିଲ ଏବଂ ଜୋସ୍ ବଟଲର) ବିସ୍ଫୋରକ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ ହରାଇ ୨୩୦ ରନ୍ ସଂଗ୍ରହ କରିଥିଲା।

ଆଇପିଏଲ୍‌ର ଊନବିଂଶ ସଂସ୍କରଣର ୬୬ତମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଘରୋଇ ଦଳକୁ ଚେନ୍ନାଇ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଗୁଜରାଟ ପାଇଁ ସାଇ ସୁଦର୍ଶନ ଏବଂ ଅଧିନାୟକ ଶୁଭମନ ଗିଲ୍ ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ଶତକୀୟ ଭାଗିଦାରୀ କରିଥିଲେ। ୧୨.୨ ଓଭରରେ ୧୨୫ ରନ୍ ସଂଗ୍ରହ କରିଥିଲେ। ଏହି ସ୍କୋରରେ ଗିଲ୍‌ଙ୍କ ଯୋଗଦାନ ୬୪ ରନ୍ ଥିଲା। ସ୍ପେନସର ଜନସନଙ୍କ ବଲ୍ ଶିଭମ ଦୁବେଙ୍କୁ କ୍ୟାଚ୍ ଦେଇ ଆଉଟ୍ ହେବା ପୂର୍ବରୁ ସେ ୩୭ଟି ବଲ୍ ଖେଳି ୭ଟି ଚୌକା ଏବଂ ୩ଟି ଛକା ମାରିଥିଲେ।

ଚେନ୍ନାଇର ଦ୍ୱିତୀୟ ଶିକାର ହୋଇଥିଲେ ସାଇ ସୁଦର୍ଶନ। ସେ ଅଂଶୁଲ କମ୍ବୋଜଙ୍କ ବଲ୍ ମ୍ୟାଥ୍ୟୁ ସର୍ଟଙ୍କୁ କ୍ୟାଚ୍ ଦେଇ ଆଉଟ୍ ହେବା ପୂର୍ବରୁ ୮୪ ରନ୍ ସଂଗ୍ରହ କରିଥିଲେ। ସେ ୫୩ଟି ବଲ୍ ଖେଳି ୭ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ରାହୁଲ ତେୱାଡିଆ ଗୋଟିଏ ବଲ୍‌ର ସାମ୍ନା କରିଥିଲେ ଏବଂ ରନ୍ ଆଉଟ୍ ହୋଇ ପାଭିଲିଅନକୁ ଫେରିଥିଲେ। ୱାସିଂଟନ ସୁନ୍ଦର ୩ଟି ବଲ୍ ଖେଳି ଗୋଟିଏ ଛକା ସହାୟତାରେ ୭ ରନ୍ କରିଥିଲେ। ଜୋସ ବଟଲର ୨୭ଟି ବଲ୍ ଖେଳି ୫ଟି ଚୌକା ଏବଂ ୪ଟି ଛକା ବଳରେ ୫୭ ରନ୍ ଯୋଗଦାନ କରିଥିଲେ।

# ଆଇପିଏଲ ୨୦୨୬ ମଧ୍ୟରେ ଏମଏସ ଧୋନି ଛାଡ଼ିଲେ ସିଏସକେର ହାତ



**ନୂଆଦିଲ୍ଲୀ**

ଚେନ୍ନାଇ ସୁପର କିଙ୍ଗ୍ସ ଆଇପିଏଲ ୨୦୨୬ରେ ଲିଗ୍ ଷ୍ଟେଜ୍‌ର ଶେଷ ମ୍ୟାଚ୍ ମ୍ୟାଚ୍ ପୂର୍ବରୁ ଏମଏସ ଧୋନି ନିଜ ଘର ରାଞ୍ଚି ଫେରି ଯାଇଛନ୍ତି। ଏହାପରେ ଚର୍ଚ୍ଚା ଜାରି ରହିଛି କି ସିଜିନ୍ ମଧ୍ୟରେ ସିଏସକେର ହାତ ଛାଡ଼ି ଚୁପଚାପ୍ ଆଇପିଏଲରୁ ସନ୍ନ୍ୟାସ ନେଇ ଯାଇଛନ୍ତି ?

ପ୍ରକାଶ ଯେ, ଚେନ୍ନାଇ ୧୩ତମ ମ୍ୟାଚ୍ ୧୮ମଇରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଚେପକ୍‌ରେ ଖେଳିଥିଲେ। ମ୍ୟାଚ୍‌ରେ ଏମଏସ ଧୋନୀ ଟିମ୍ ସହ ଷ୍ଟାଡିୟମରେ ଆସିଥିଲେ, କିନ୍ତୁ ସେ ମ୍ୟାଚ୍ ଖେଳି ନଥିଲେ। ସୂଚନା ଅନୁସାରେ, ଏବେ ଶେଷ ଲିଗ୍ ମ୍ୟାଚ୍ ପୂର୍ବରୁ ଧୋନି ଅଙ୍ଗୁଠିରେ ଆଘାତ ଲାଗିବାରୁ ନିଜ ଘର ରାଞ୍ଚି ଫେରି ଆସିଛନ୍ତି। କୁହାଯାଇଛି କି ଯଦି ଚେନ୍ନାଇ ପ୍ଲେଅଫରେ ପହଞ୍ଚେ ତେବେ ପୁଣି ଥରେ ସେ ଟିମ୍‌ରେ ଯୋଗ ଦେବେ। ଏଥିରୁ ଗୋଟିଏ କଥା ସ୍ପଷ୍ଟ କି ସେ ସନ୍ନ୍ୟାସ ନେଇ ନାହାନ୍ତି।

ସିଜିନ ଆରମ୍ଭରେ ଧୋନିଙ୍କୁ ଆଘାତ ଲାଗିଥିଲା। ଫଳରେ ସେ ଗୋଟିଏ ବି ମ୍ୟାଚ୍ ଖେଳି ନ ଥିଲେ। ୨୮ମାର୍ଚ୍ଚରେ ଚେନ୍ନାଇ ଏକ ଅପଡେଟ୍‌ରେ କହିଥିଲା କି ଆଘାତ କାରଣରୁ ମାହି ୨ ସପ୍ତାହ ପର୍ଯ୍ୟନ୍ତ ବାହାରେ ରହିପାରନ୍ତି। ଆଘାତ ମାହିଙ୍କୁ ଏଭଳି ବାହାର କଲା କି ସେ ପୂରା ସିଜିନରେ ଲିଗ୍ ମ୍ୟାଚ୍ ଖେଳିପାରିଲେ ନାହିଁ। ଦ୍ୱିତୀୟରେ ଅଙ୍ଗୁଠିର ଆଘାତ ସିଜନର ଶେଷରେ ହୋଇଯାଇଛି। ଏବେ ଦେଖିବାକୁ ରହିଲା କି ଯଦି ଚେନ୍ନାଇ ପ୍ଲେଅଫରେ ପହଞ୍ଚେ ତେବେ ମାହି ଫେରିବେ କି ନାହିଁ।

# ଓଡ଼ିଶାରେ ପ୍ରଥମ ଥର ସର୍ବଭାରତୀୟ ମହିଳା ହକି : ପୁରସ୍କାର ରାଶି ୧ ଲକ୍ଷ

**ଭୁବନେଶ୍ୱର**

ଓଡ଼ିଶାରେ ପ୍ରଥମ ଥର ପାଇଁ ଏକ ସର୍ବଭାରତୀୟ ମହିଳା ହକି ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ପକ୍ଷରୁ ଏଭଳି ଏକ ଅଭିନବ ପ୍ରୟାସ କରାଯାଇଛି। ଗତବର୍ଷ ଅନ୍ତଃକ୍ଲବ ମାଇକେଲ୍ କିଣ୍ଡୋ ସ୍ମାରକୀ ପୁରୁଷ ହକି ପ୍ରତିଯୋଗିତା ଆୟୋଜନ କରି ସଫଳତା ପାଇଥିବା ଏହି ଟ୍ରଷ୍ଟ୍ ଚଳିତବର୍ଷଠାରୁ ମହିଳା ହକିକୁ ଗୁରୁତ୍ୱ ଦେଇଛି।

ମୋଟ ୮ ଦଳକୁ ନେଇ ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ୍‌ରେ ମେ' ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହି ୮ ଦଳରେ ଅନେକ ତାରକା ଅନ୍ତର୍ଜାତୀୟ ଖେଳାଳିଙ୍କ ଉପସ୍ଥିତି ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ସବୁଠାରୁ ବଡ଼




କଥା ହେଉଛି ଅଧା ଦଳ ଓଡ଼ିଶାରୁ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ-ରାଉରକେଲା କ୍ରୀଡ଼ା ଛାତ୍ରାବାସ, ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ୍, ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ଏବଂ ଓଡ଼ିଶା ପୁଲିସ୍। ରାଜ୍ୟ ବାହାରୁ ଦକ୍ଷିଣ ପୂର୍ବ ରେଳପଥ, କୋଲକାତା ସାଇ କେନ୍ଦ୍ର, ହକି ସିମ୍‌ଡେଗା, ନୂଆଦିଲ୍ଲୀର ସିଆଇଏସଏଫ୍। ଏହି ପ୍ରତିଯୋଗିତା ଫଳରେ ଓଡ଼ିଶା ଓ ଭାରତୀ ହକିକୁ ଫାଇଦା ମିଳିବ ବୋଲି ଆୟୋଜକମାନେ ଆଶା ବ୍ୟକ୍ତ କରିଛନ୍ତି। ଚଳିତବର୍ଷ ଏହା ଗ୍ରୀଷ୍ମଋତୁରେ ଖେଳାଯାଉଥିଲେ ମଧ୍ୟ ଆସନ୍ତାବର୍ଷଠାରୁ ଫେବୃୟାରୀରେ କରିବାକୁ ଯୋଜନା ରଖାଯାଇଛି।

କିମ୍ବଦନ୍ତୀ ହକି ଖେଳାଳି ମାଇକେଲ୍ କିଣ୍ଡୋଙ୍କ ନାମରେ ଆୟୋଜିତ ଏହି ସର୍ବଭାରତୀୟ ମହିଳା ହକି ପ୍ରତିଯୋଗିତାର ବିଜେତା ଦଳକୁ ଏଥର ୧ ଲକ୍ଷ ଟଙ୍କା, ଉପବିଜେତାକୁ ୫୦,୦୦୦ ଟଙ୍କା ମିଳିବ। ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲକାରୀକୁ ଯଥାକ୍ରମେ ୩୦ ଓ ୧୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟର ଅଧ୍ୟକ୍ଷ କ୍ୟାପଟେନ୍ ରତିକାନ୍ତ ନାୟକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ପ୍ରତିଯୋଗିତାର ମୁଖ୍ୟ ଉପଦେଷ୍ଟା ଦିଲୀପ ତିର୍କି ଏହି ପ୍ରତିଯୋଗିତାକୁ ପ୍ରତିବର୍ଷ କରିବାକୁ ପରାମର୍ଶ ଦେବା ସହ ଏହାର ସୁଦୂର ପ୍ରସାରୀ ପ୍ରଭାବ ରହିବ ବୋଲି ଆଶା ବ୍ୟକ୍ତ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟର ସଭାପତି କ୍ୟାପଟେନ୍ ବିଶ୍ୱବିଜୟ ସାହୁ, ସମ୍ପାଦକ ରଂଜନ କୁମାର ଦାସ, ଉପଦେଷ୍ଟା ଡକ୍ଟର ଶେଷ କିଶନ ଉପସ୍ଥିତ ଥିଲେ।

# ଓଡ଼ିଶା ଏଫ୍‌ସି ସମେତ ୭ କ୍ଲବର ଲାଇସେନ୍ସ ରଦ୍ଦ



**ଭୁବନେଶ୍ୱର**

୨୦୨୬-୨୭ ସିଜନର ସର୍ବଭାରତୀୟ ଫୁଟବଲ ସଂଘ (ଏଆଇଏଫ୍‌ଏଫ୍) କ୍ଲବ ଲାଇସେନ୍ସ ପ୍ରିମିୟର-୧ ଫଳାଫଳ ପ୍ରକାଶ ପାଇଛି। ଆଇଏସ୍‌ଏଲ କ୍ଲବ୍ ଓଡ଼ିଶା ଏଫ୍‌ସି ସମେତ ସ୍ପୋର୍ଟିଂ କ୍ଲବ୍ ଦିଲ୍ଲୀ, ମୋହନ ବାଗାନ ସୁପର ଜାଏଣ୍ଟସ, ଚେନ୍ନାଇ ଏଫ୍‌ସି, କେରଳ ବ୍ଲାଷ୍ଟର୍ସ, ମହମ୍ମଡାନ ସ୍ପୋର୍ଟିଂ ଓ ଇଣ୍ଟର କାଶୀ କ୍ଲବର ଲାଇସେନ୍ସ ବାତିଲ ହୋଇଛି। କିନ୍ତୁ ନର୍ଥଇଷ୍ଟ ୟୁନାଇଟେଡ୍, ଇଷ୍ଟବେଙ୍ଗଲ, ଜାମସେଦପୁର ଏଫ୍‌ସି, ମୁମ୍ବାଇ ସିଟି ଏଫ୍‌ସି, ବେଙ୍ଗାଲୁରୁ ଏଫ୍‌ସି, ଏଫ୍‌ସି ଗୋଆ ଓ ପଞ୍ଜାବକୁ ଲାଇସେନ୍ସ ଅନୁମତି ମିଳିଛି। ଆଇଏସଏଲ୍ ଦଳଗୁଡ଼ିକୁ ପ୍ରିମିୟମ-୧ ଲାଇସେନ୍ସ ମିଳିବା ଅତି ଆବଶ୍ୟକ। ଯଦି ଏଆଇଏଫ୍‌ଏଫ୍ ଦ୍ୱାରା ଧାର୍ଯ୍ୟ ମାନଦଣ୍ଡ କ୍ଲବଗୁଡ଼ିକ ପୂରଣ ନକରନ୍ତି ସେମାନଙ୍କୁ ଲାଇସେନ୍ସ ମିଳେ ନାହିଁ। କଳିଙ୍ଗ ଷ୍ଟାଡିୟମକୁ ଘରୋଇ ଭେନ୍ୟୁ ଭାବେ ଗ୍ରହଣ କରି ଓଡ଼ିଶା ଏଫ୍‌ସି ଖେଳୁଛି। କିନ୍ତୁ କ୍ଲବ ଏଆଇଏଫ୍‌ଏଫ୍ ଦ୍ୱାରା ଧାର୍ଯ୍ୟ ମାନ ପୂରଣ କରିବାରେ ବିଫଳ ହୋଇଥିବାରୁ ୨୦୨୬-୨୭ ସିଜନର ଲାଇସେନ୍ସ ବାତିଲ ହୋଇଛି।

# ଫିଫା ବିଶ୍ୱକପ୍ ପାଇଁ ଅବସରରୁ ଫେରିବେ ମାନୁଏଲ ନେଉର



**ବର୍ଲିନ**

ବିଶ୍ୱକପ୍ ଲାଗି ଭେଟେରାନ ଗୋଲକିପର ମାନୁଏଲ ନେଉରଙ୍କୁ ଅବସରରୁ ଫେରିବା ପାଇଁ ଜର୍ମାନୀ କୋଚ୍ ଜୁଲିଆନ ନାଗେଲ୍ସମ୍ୟାନ ରାଜି କରିଛନ୍ତି। ୪୦ ବର୍ଷୀୟ ନେଉର ୨୦୨୪ ୟୁରୋପିଆନ ଚାମ୍ପିୟନସିପ୍ ଶେଷ ହେବା ପରେ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଥିଲେ। କିନ୍ତୁ ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବାକୁ ଥିବା ବିଶ୍ୱକପ୍ ଲାଗି ତାଙ୍କୁ ୨୬ ଜଣିଆ ଜର୍ମାନୀ ଦଳରେ ସାମିଲ କରାଯାଇଛି। ବାର୍ସେଲୋନା ଗୋଲକିପର ମାର୍କ-ଆଣ୍ଡ୍ରେ ଟେର ଷ୍ଟେଗେନଙ୍କୁ ନେଉରଙ୍କ ଉତ୍ତରାଧିକାରୀ ବିବେଚନା କରାଯାଉଥିଲା। ହେଲେ ଆହତ ସମସ୍ୟା କାରଣରୁ ସେ ଦଳରୁ ବାଦ୍ ପଡ଼ିଛନ୍ତି। ନେଉରଙ୍କ ବ୍ୟତୀତ ଦଳରେ ହଫେନହେଇମ ଗୋଲକିପର ଓଲିଭର ବାଉମାନ ରହିଛନ୍ତି। ହେଲେ ୩୫ ବର୍ଷୀୟ ବାଉମାନ ଜର୍ମାନୀ ପାଇଁ ୧୧ ମ୍ୟାଚ୍ ଖେଳିଥିବା ବେଳେ ନେଉର ୧୨୪ ମ୍ୟାଚ୍ ଖେଳିଛନ୍ତି।

# ଡବ୍ଲ୍ୟୁଟିସି ମାନ୍ୟତା : ଭାରତ ଉପରକୁ ଉଠିଲା ବାଂଲାଦେଶ

**ନୂଆଦିଲ୍ଲୀ**

ପାକିସ୍ତାନ ବିପକ୍ଷ ଟେଷ୍ଟ୍ ଶୃଙ୍ଖଳାକୁ ୨-୦ରେ ଜିତିନେବା ପରେ ବାଂଲାଦେଶ ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍ (ଡବ୍ଲ୍ୟୁଟିସି) ମାନ୍ୟତାରେ ଭାରତ ଉପରକୁ ଉଠିଯାଇଛି। ବାଂଲାଦେଶ ଏବେ ଟେବୁଲ୍‌ର ପଞ୍ଚମ ସ୍ଥାନରେ ପହଞ୍ଚିଛି। ବାଂଲାଦେଶ ୫୮.୩୩ ପ୍ରତିଶତ ବିଜୟ-ପରାଜୟ ହାର ସହ ଡବ୍ଲ୍ୟୁଟିସି ମାନ୍ୟତାର ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ଭାରତ ୪୮.୧୫ ପ୍ରତିଶତ ସହ ଷଷ୍ଠ ସ୍ଥାନରେ ରହିଛି। ଏହି ତାଲିକାର ପ୍ରଥମ ତିନି ସ୍ଥାନରେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଅଛନ୍ତି। ଭାରତ ନିଜର ଶେଷ ଟେଷ୍ଟ ଶୃଙ୍ଖଳା ଗତ ବର୍ଷ ନଭେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିଲା। କିନ୍ତୁ ଏହି ଦୁଇ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାକୁ ଦକ୍ଷିଣ ଆଫ୍ରିକା ୨-୦ରେ ପୋଛିନେଇଥିଲା। ପୁଣି ଭାରତ ଆସନ୍ତା ଜୁନମାସରେ ଖେଳିବାକୁ ଯାଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ୍ ଶୃଙ୍ଖଳା ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍ ଚକ୍ର ମଧ୍ୟରେ ଆସୁନାହିଁ। ଏଣୁ ନିଜର ଡବ୍ଲ୍ୟୁଟିସି ମାନ୍ୟତା ବୃଦ୍ଧି କରିବାକୁ ଭାରତୀୟ ଦଳକୁ ଆସନ୍ତା ଅଗଷ୍ଟ ମାସରେ ହେବାକୁ ଥିବା ଶ୍ରୀଲଙ୍କା ବିପକ୍ଷ ଶୃଙ୍ଖଳାରେ ଭଲ ପ୍ରଦର୍ଶନ କରିବାକୁ ହେବ।

# ନକ୍‌ଆଉଟ୍ କ୍ରିକେଟ ପ୍ରତିଯୋଗିତା : ଚଣାଲିମା ଚାମ୍ପିଅନ

**ଲାଞ୍ଜିଗଡ଼**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ନିୟମଗିରି ବେଦାନ୍ତନଗର ଖେଳପଡ଼ିଆରେ ଗୋଲ୍‌ଡେନ ସ୍ପୋର୍ଟସ କ୍ଲବ ଏବଂ ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ୍ ମିଳିତ ଆନୁକୂଲ୍ୟରେ ୧୧ତମ ଅନ୍ତଃଜିଲ୍ଲା ନକ୍‌ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି।

ଉଦ୍‌ଯାପନୀ ମ୍ୟାଚ୍ ଆରବିକେ କଲୋନୀ ଏବଂ ଚଣାଲିମା ଦଳ ମଧ୍ୟରେ ହୋଇଥିଲା। ଆରବିକେ ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୧ ରନ୍ କରିଥିଲା। ଜବାବରେ ଚଣାଲିମା ଦଳ ୧୨ ଓଭର ୪ ବଲରେ ୫ ଉଇକେଟ ହରାଇ ୧୪୪ ରନ୍ କରି ବିଜୟୀ ହେବା ସହ ଚାମ୍ପିଅନ ବିବେଚିତ ହୋଇଥିଲା।

ଫାଇନାଲ ମ୍ୟାଚ୍‌ରେ ଜିତେନ




ମାଝୀ ଓ ବିଶାଳ ପାଣି ଖେଳ ପରିଚାଳନା କରିଥିବା ବେଳେ ଧାରା ବିବରଣୀ ଦିଲ୍ଲୀପ ମାଝୀ ଓ ଶ୍ରୀମୁଖ ଅଗସ୍ତି କରିଥିଲେ। ସେହିପରି ସ୍କୋର ବୋର୍ଡରେ ବିରଞ୍ଚି ମାଝୀ ସହଯୋଗ କରିଥିଲେ। ଉଦ୍‌ଯାପନୀ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ୍ ବାହ୍ୟ ବ୍ୟାପାର ବିଭାଗର ମୁଖ୍ୟ ପ୍ରବୀଣ କୁମାର ଦାସ ଯୋଗଦେଇ ଥିବାବେଳେ ସମ୍ମାନୀତ ଅତିଥି ଭାବେ ସିଏସ୍‌ଆର ମୁଖ୍ୟ ଶିଶିର ତରଫଦାର, ଜଗନ୍ନାଥ ପୁର ସମିତି ସଭ୍ୟ ପ୍ରଦୀପ ମାଝୀ, ଲାଞ୍ଜିଗଡ଼ ସିଆରସିସି ଜଳନ୍ଦର ମାଝୀ, ପୁଙ୍ଗରି ମାଝୀ, ଦଶରଥ ମାଝୀ, ଶିକ୍ଷକ ମଧୁସୂଦନ ବାଗ, ତିରନ୍ଦାଜ କୋଚ ଶୀମାଞ୍ଚଳ କାତ୍ରାକା, ବେଦାନ୍ତ ପକ୍ଷରୁ ଭଗବାନ ହୋତା, ଶ୍ରୀମୁଖ ଅଗସ୍ତି, ସୁଶମ୍ବିତ ବୁଢ଼ିଆ, ଶାନ୍ତନୁ ବିଶି, କୀରଣ ପଟ୍ଟନାୟକ, ଶଙ୍କର ରନ୍ଧାଲୁ, ଲାଞ୍ଜିଗଡ ଯୁବକ ସଂଘ ସମ୍ପାଦକ ଭୁପେନ୍ଦ୍ର ମହାରଥା, ସାଇ ଆନ୍ନା, ରଘୁ ପାଣି, ଦଶରଥ ମାଝୀ, ପୁଙ୍ଗରି ମାଝୀ, ପାତ୍ର ମାଝୀ, କ୍ଷମାନିଧି ମହାଖୁଡ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନିୟମଗିରି ବେଦାନ୍ତ ନଗର ଗୋଲଡେନ ସ୍ପୋର୍ଟସ କ୍ଲବ ପକ୍ଷରୁ ସଭାପତି ପବିତ୍ର ମାଝୀ, ଉପସଭାପତି ସନ୍ତୋଷ ମାଝୀ, ସମ୍ପାଦକ ଶତ୍ରୁଘନ ଚାଲାଣ, ସହ ସମ୍ପାଦକ କପୁର ନାଗ, କୋଷାଧ୍ୟକ୍ଷ ଜିତେନ ମାଝୀ ସମେତ ସ୍ପୋର୍ଟସ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ପ୍ରତିଯୋଗିତା ମେ' ୧୧ରେ ଆରମ୍ଭ ହୋଇଥିଲା। ଏଥିରେ ଜିଲା ତଥା ଜିଲା ବାହାରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ବିଜେତାଙ୍କୁ ଟ୍ରଫି ଓ ମେଡାଲ ସହିତ ୫୫,୫୫୫ ଟଙ୍କା ଏବଂ ଉପ ବିଜେତାଙ୍କୁ ଟ୍ରଫି ଓ ମେଡାଲ ସହିତ ୩୩,୩୩୩ ଟଙ୍କାର ପୁରସ୍କାର ରାଶି ଚେକ୍ ଆକାରରେ ପ୍ରଦାନ କରାଗଲା

# ମାଲେସିଆ ମାଷ୍ଟର୍ସ : ପ୍ରଥମ ରାଉଣ୍ଡରୁ ବିଦାୟ ନେଲେ ଲକ୍ଷ୍ୟ

**କ୍ୱାଲାଲମ୍ପୁର**

ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ୍‌ର ଦ୍ୱିତୀୟ ଦିନରେ ଭାରତକୁ ମିଶ୍ରିତ ଫଳାଫଳ ମିଳିଛି। ଭାରତର ଏକ ନମ୍ବର ତାରକା ତଥା ଅଷ୍ଟମ ସିଡ୍ ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡରୁ ହିଁ ବିଦାୟ ନେଇଛନ୍ତି। ସେ ଇଣ୍ଡୋନେସିଆର ମହମ୍ମଦ ଜାକି ଉବେଦିଲ୍ଲାଙ୍କଠାରୁ ୧୭-୨୧,୧୧-୨୧ରେ ପରାଜିତ ହୋଇଥିଲେ।

# ଦୁଇ ପୁଅଙ୍କ ଜୀବନ ବଞ୍ଚାଇବାକୁ ଯାଇ ବୁଡ଼ିଗଲେ ବାପା

**ନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଆନ୍ଧ୍ର ସୀମାକୁ ଲାଗି ରହିଥିବା ପାଡୁଲୁଙ୍ଗ ପଞ୍ଚାୟତର ଶୋଭାପୁଟ ବ୍ରିଜ୍ ତଳେ ଗୁରୁବାର ମାଛ ଧରିବାକୁ ଆସିଥିବା ଜଣେ ଆନ୍ଧ୍ରର ଯୁବକ ପାଣିରେ ବୁଡ଼ି ନିଖୋଜ ହୋଇଛନ୍ତି। ଯୁବକ ଜଣକ ଆନ୍ଧ୍ର ମୁସୁଡିପୁଟ ଗ୍ରାମର ଗୁମାଡି ନାଗେଶ (୪୦) ବୋଲି ଜଣାପଡ଼ିଛି। ଆନ୍ଧ୍ର ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ପାଣିରେ ଯୁବକଙ୍କ ସନ୍ଧାନ ଜାରି ରଖିଛନ୍ତି।

ତେବେ ପୋଲିସ ଓ ଦେଖଣାହାରୀଙ୍କ ମୁତାବକ ଯୁବକ ଜଣକ ଏକ ସ୍କୁଟି ଯୋଗେ ନିଜ ୭ ଓ ୧୦ ବର୍ଷର ଦୁଇ ପୁଅକୁ ଧରି ନଦୀରେ ମାଛ ଧରିବାକୁ ଆସିଥିଲେ। ଦୁଇ ପୁଅଙ୍କୁ କୂଳରେ ବସାଇ ସେ ମାଛ ଧରିବାକୁ ନଦୀ ଗର୍ଭକୁ ଯାଇଥିଲେ। କୌଣସି କାରଣ ବଶତଃ ଦୁଇ ପୁଅ ନଦୀ ପାଣିରେ ପଡ଼ି ଯାଇଥିଲେ। ସେମାନଙ୍କୁ ଯୁବକ ଜଣକ ଉଦ୍ଧାର କରିବାରେ ସଫଳ ହୋଇଥିଲେ। କିନ୍ତୁ ନିଜେ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିବା ସୂଚନା ଦେଇଛନ୍ତି। ନଦୀକୂଳରେ ଥିବା ଯୁବକଙ୍କ ଦୁଇ ପୁଅ ଓ ସ୍କୁଟିକୁ ଆନ୍ଧ୍ର ପୋଲିସ ନିଜ ହେପାଜତରେ ରଖିଛି।

# ଚୋରି, ଲୁଟ୍ ଓ ହଜି ଯାଇଥିବା ମୋବାଇଲ ଫୋନ୍ ଉଦ୍ଧାର କଲା ବରଗଡ଼ ପୋଲିସ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ପୋଲିସକୁ ମିଳିଛି ବଡ଼ ସଫଳତା। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଲୋକଙ୍କ ପାଖରୁ ଚୋରି, ଲୁଟ୍ ଓ ହଜିଯାଇଥିବା ମୋବାଇଲ ଫୋନ୍‌କୁ ଉଦ୍ଧାର କରିଛି ବରଗଡ଼ ପୋଲିସ। ମୋବାଇଲ ଜବତ କରିବା ପରେ ଆବଶ୍ୟକ କାଗଜ ପତ୍ର ଯାଞ୍ଚ କରି ପୋଲିସ ମୋବାଇଲ ଫୋନ ମାଲିକମାନଙ୍କୁ ବରଗଡ଼ ପୋଲିସ ମୋବାଇଲ ମେଳା କାର୍ଯ୍ୟକ୍ରମରେ ୧୦୬ ଜଣ ହିତାଧିକାରୀଙ୍କୁ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ମୀନା ମୋବାଇଲ ଫୋନ ଫେରସ୍ତ କରିଛନ୍ତି। ମାସ ମାସ ଧରି ଚୋରି ହୋଇଥିବା ମୋବାଇଲ ପୁଣି ଫେରି ପାଇବେ ସେ ଆଶା ରଖିନଥିଲେ ହିତାଧିକାରୀମାନେ।



କିନ୍ତୁ ବରଗଡ଼ ପୋଲିସର ସ୍ୱତନ୍ତ୍ର ଟିମ୍ ନୂତନ ଜ୍ଞାନ କୌଶଳ ମାଧ୍ୟମରେ ଟ୍ରାକିଂ କରି ଜିଲ୍ଲାର ଅତାବିରା, ଟାଉନ, ବିଜେପୁର, ଭଟଲି, ଭେଡ଼େନ, ସୋହେଲା, ଅମ୍ବାଭୋନା, ମେଲଛାମୁଣ୍ଡା, ଗାଇସିଲାଟ, ପଦ୍ମପୁର, ବୁଢ଼େନ, ଜଗଦଲପୁର, ଝାରବନ୍ଧ, ପାଇକମାଲ, ଗ୍ରାମାଞ୍ଚଳ ଆଦି ଥାନା ଅଞ୍ଚଳର ୧୦୬ ଜଣ ପୁରୁଷ ଓ ମହିଳାଙ୍କ ମୋବାଇଲ ଉଦ୍ଧାର କରିବାରେ ପୋଲିସ ସଫଳ ହୋଇଛି। ଜିଲ୍ଲା ପୋଲିସର ଏଭଳି ପଦକ୍ଷେପକୁ ନେଇ ହିତାଧିକାରୀ ମାନେ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି।

**OFFICE OF THE MUNICIPAL COUNCIL, BALASORE.**
BALASORE, (ODISHA), PIN-756003 13001/577/2627
Tel. No. 06782-251267(O)
e-mail-balasoremunicipality @rediffmail.com

NO 2936-BLS (19) Dt. 19.05.2026

Quotation document for supply, installation/mounting, testing, commissioning of Electrical Equipments & other electrical accessories with complete attachments for Office of BALASORE MUNICIPALITY, BALASORE

The Executive Officer, Balasore Municipality on behalf of Balasore Municipal Council, Balasore invites Sealed quotation from intending & authorized supplying firms regarding Supply, installation/mounting, testing, commissioning of **VOLTAS/ CARRIER/BLUE STAR make fixed split air conditioner, SONY/HAIER make (65") Wall Led TV, ORIENT/BAJAJ make Ceiling fans & other electrical accessories with complete attachments.** The Quotation Schedule, terms & conditions, specification and other necessary documents can be download and obtained from the site of official website of Balasore District, **http://balasore.odisha.gov.in** w.e.f DT: 21.05.2026 to 30.05.2026.

(Can also be Obtained in detail from Govt Website-http://balasore.odisha.gov.in)

This is for your kind information & necessary action at your end.

Yours Faithfully,
**Sd/- Executive Officer,**
**Balasore Municipality.**

**OIPR-13001/13154/1/26-27/0005**

**GOVERNMENT OF ODISHA** 32001/261/2627
E-Procurement Notice, Superintending Engineer, M.I. Division, Angul
Bid Identification No.-06 OF 2026-27
E-mail ID- semidivisionangul@gmail.com
Letter No. 1414 /Date:- 21.05.2026

| | | | |
|---|---|---|---|
| 1. | Number of Works | : | 02 (Two) numbers of Civil work |
| 2 | Approximate estimated cost | : | From 29.04 Lakh to 38.49 Lakh |
| 3 | Cost of Tender Paper | : | Rs. 6000/-(Non-Refundable) |
| 4 | Period of completion | : | 06 (Six) Calendar Months |
| 5 | Date & Time of availability of bid document In the portal | : | Dt. 28-05-2026 at 10.00 A.M. to Dt. 05-06-2026 up to 5.00 P.M. |
| 6 | Last date / Time for receipt of bid in the portal | : | Dt. 05-06-2026 up to 5.00 P.M. |
| 7 | Date of opening of bid documents | : | Dt. 06-06-2026 up to 10.00 A.M. |
| 8 | Date of lottery if required | : | Dt. 11.06.2026 at 11.00 A.M. |
| 9 | Name and address of the Office Inviting Bid | : | Superintending Engineer, Minor Irrigation Division, Angul. At / P.O.: Hakimpada, College Square, District: Angul, PIN-759143 Ph. No.06764- 236522 Email ID: semidivisionangul@gmail.com |
| 10 | The bidders have to participate in ONLINE bidding only. Further details can be seen from the e-procurement portal | : | http://tendersorissa.gov.in |

Sd/- Superintending Engineer
M.I. Division, Angul

**OIPR-32001/32284/1/26-27/0008**

# ୧୬ ବର୍ଷ ପରେ ବଳାତ୍କାର ଅଭିଯୁକ୍ତ ଗିରଫ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ଭଟଲି ଥାନା ପୋଲିସ ଗୁରୁବାର ୧୬ ବର୍ଷ ପରେ ଜଣେ ଫେରାର ବଳାତ୍କାର ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ, ଭଟଲି ଥାନା ଅନ୍ତର୍ଗତ ମହଦା ଗ୍ରାମର ସହଦେବ ଓରଫ୍ ଗଙ୍ଗାଧର ପାଣ୍ଡେ(୪୨)। ତାକୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବା ପରେ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ସହଦେବ ଗତ ୨୦୧୦ ମସିହା ଏପ୍ରିଲ ମାସ ୭ତାରିଖ ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ଭଟଲି ଥାନାରେ ଅଭିଯୋଗ ହୋଇଥିଲା। ସେତେବେଳେ ପୋଲିସ ପୀଡ଼ିତାଙ୍କ ଏତଲାକୁ ଭିତ୍ତି କରି ତାଙ୍କ ବିରୋଧରେ ଦଫା ୩୭୬, ୪୧୭ କ୍ରମେ ଏକ ମାମଲା (ନଂ-୩୪/୨୦୧୦) ରୁଜୁ କରିଥିଲା। ତେବେ ଘଟଣା ପରେ ଅଭିଯୁକ୍ତ ଜଣଙ୍କ ଫେରାର ଥିଲେ।

# ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ ବ୍ୟାପକ ଟିକେଟ୍ ଯାଞ୍ଚ ଅଭିଯାନ

## ଗୋଟିଏ ଦିନରେ ରେକର୍ଡ ୨୩.୬୦ ଲକ୍ଷ ଆଦାୟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବୈଧ ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ, ସୁବିଧାଜନକ ଓ ନିର୍ବିଘ୍ନ ଯାତ୍ରା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ ଏହାର ଅଧିକାର କ୍ଷେତ୍ରରେ ଏକ ବ୍ୟାପକ ଟିକେଟ୍ ଯାଞ୍ଚ ଅଭିଯାନ ଚାଳନା କରାଯାଇଥିଲା।

ଏହି ବ୍ୟାପକ ଟିକେଟ୍ ଯାଞ୍ଚ ଅଭିଯାନ ସମୟରେ ବାଣିଜ୍ୟ ବିଭାଗର ଅଧିକାରୀ, ଟିକେଟ୍ ଯାଞ୍ଚ କର୍ମଚାରୀ ଏବଂ ରେଳ ସୁରକ୍ଷା ବଳ କର୍ମଚାରୀଙ୍କ ସମନ୍ୱୟରେ ଗଠିତ ଦଳ ଦ୍ୱାରା ବିଭିନ୍ନ ଟ୍ରେନରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା। ବିନା ଟିକେଟ୍ ଓ ଅନିୟମିତ ଯାତ୍ରାକୁ ରୋକିବା



ସହିତ ବୈଧ ରେଳ ଯାତ୍ରାକୁ ପ୍ରୋତ୍ସାହନ ଦେବା ପାଇଁ ଏହି ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଥିଲା।

ଏହି ଅଭିଯାନର ଫଳସ୍ୱରୂପ ବିନା ଟିକେଟ୍ / ଅନିୟମିତ ଯାତ୍ରାର ମୋଟ ୩,୭୯୮ଟି ମାମଲା ଚିହ୍ନଟ ହୋଇଥିଲା। ଏହି ପରିପ୍ରେକ୍ଷୀରେ, ସମସ୍ତ ଯାତ୍ରୀଙ୍କୁ ବୈଧ ଟିକେଟ୍ ସହ ଯାତ୍ରା କରିବା ଏବଂ ରେଳବାଇ ନିୟମାବଳୀ କଡ଼ାକଡ଼ିଭାବେ ପାଳନ କରି ସୁରକ୍ଷିତ, ସୁଶୃଙ୍ଖଳିତ ଓ ଅସୁବିଧାମୁକ୍ତ ଯାତ୍ରା ପରିବେଶ ରକ୍ଷାରେ ସହଯୋଗ କରିବାକୁ ଅନୁରୋଧ କରାଯାଉଛି।

ଖୋର୍ଦ୍ଧା ରୋଡ୍‌ର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ କୁମାର ଏସ.ଙ୍କ ମାର୍ଗଦର୍ଶନରେ ଏହି ଅଭିଯାନ ପରିଚାଳିତ ହୋଇଥିଲା। କେବଳ ବୈଧ ଯାତ୍ରୀମାନେ ଟ୍ରେନରେ ଯାତ୍ରା କରୁଥିବା ସୁନିଶ୍ଚିତ କରିବା ଓ ପ୍ରକୃତ ରେଳ ଯାତ୍ରୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ମଣ୍ଡଳ ପକ୍ଷରୁ ବ୍ୟାପକ ଟିକେଟ୍ ଯାଞ୍ଚ ଅଭିଯାନ ନିୟମିତ ଭାବେ ଚାଳନା କରାଯାଉଛି।

ଯାତ୍ରା ସମୟରେ ଅସୁବିଧା, ଜରିମାନା ଓ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବଞ୍ଚିବା ପାଇଁ ସମସ୍ତ ଯାତ୍ରୀଙ୍କୁ ବୈଧ ଟିକେଟ୍ ଓ ଯାତ୍ରା ପ୍ରମାଣପତ୍ର ସହିତ ଯାତ୍ରା କରିବାକୁ ଖୋର୍ଦ୍ଧା ରୋଡ୍ ଡିଭିଜନ ପକ୍ଷରୁ ନିବେଦନ କରାଯାଇଛି।

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୨ ମଇ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ରଥଖଳାରେ ଆଗେଇ ଚାଲିଛି ଚଉତା ବିନ୍ଧ ଓ ଅଖ ନିର୍ମାଣ : ଖୁବ୍‌ଶୀଘ୍ର ଆରମ୍ଭ ହେବ ଦଣ୍ଡା ନିର୍ମାଣ



**ପୁରୀ,୨୧/୦୫ ନ୍ୟୁଜ ବ୍ୟୁରୋ**

ରଥ ଚାଳିରେ ଚଉତା ତଥା ଭୂଇଁ କାଠରେ ବିନ୍ଧ ଅନୁକୂଳ କରାଯାଇଛି । ମୁଖ୍ୟ ବିଶ୍ୱକର୍ମା ମାଳ, ମାହାର୍ଦ୍ଦ ଓ ଶ୍ରୀଫଳ ଦେଇ ଚଉତାରେ ବିନ୍ଧ ଖୋଦେଇ ଆରମ୍ଭ କରିଛନ୍ତି । ପରେ ନିପୁଣ କାରିଗରମାନେ ବିନ୍ଧ ତିଆରୁଛନ୍ତି । ଚଉତା ହେଉଛି ରଥର ଉପରିଭାଗ ଭୂଇଁ କାର୍ଯ୍ୟ। ତିନି ରଥର ଅଖ ତିଆରି ଉପରେ ଏବେ ଜୋର୍ ଦିଆଯାଉଛି । ନାହାକା ଅଖ ୩ଟି ସଂଯୋଗ ପରେ ବାକି ୧୮ଟି ଅଖ ତିଆରି ଚାଲିଛି । ଏପଟେ ଗରଗରା ଚଉପଟ ଓ ଗୟଳ ଚିରା ଜାରି ରହିଛି ।

ରଥ ନିର୍ମାଣସ୍ଥଳୀକୁ ଆଖନ୍ଦ କରାଯାଇ ଅଖ ହଣା ଆରମ୍ଭ ହୋଇଯାଇଛି । ଭଉଁରୀ ଉତ୍ସବରେ ତିନି ରଥର ନାହାକା ଅଖ ନିର୍ମାଣ ସରି ଚକ ସଂଯୋଗ ସରିଥିଲା। ଏବେ ଦେବଦଳନର ବାକି ୫ଟି, ନନ୍ଦିଘୋଷର ୭ଟି ଓ ତାଳଧ୍ୱଜର ୬ଟି ଅଖର ହଣା ଆରମ୍ଭ ହୋଇଛି। ୪୦ ଫୁଟିଆ ଧଉରା କାଠରେ ତିଆରି ହେଉଛି ଅଖ । ରଥର ଭାରା ଚକ ଓ ଅଖ ସମ୍ଭାଳେ । ଅଖ ଉପରେ ଦଣ୍ଡା ଫିଟିଂ ହୋଇ ଗରଗରା ପର୍ଡ୍ଡି ଚାରି ନାହାକା ଉଠିବ। ଅଖ ଦୁର୍ବଳ ହେଲେ ରଥ ସ୍ଥିତି ଉପରେ ପ୍ରଭାବ ପଡ଼ିବ । ଏଣୁ ଭଲ କାଠ ପରଖି ତିଆରି ହେଉଛି ରଥ ଅଖ।

ଚଉତା ତଥା ଭୂଇଁ କାଠରେ ଦାଗ ଦିଆଯିବା ପରେ ଅନୁକୂଳ ହୋଇ ବିନ୍ଧ ଖୋଳା ଜାରି ରହିଛି । ଚଉତା କାଠରେ ପାଖୁଡ଼ା ଓ ଖମ୍ବୀ ବିନ୍ଧ ହୋଇଥାଏ । ପ୍ରଥମ ଭୂଇଁ ଉପରେ ୪ଟି ଖମ୍ବୀ ଓ ଦ୍ୱିତୀୟ ଭୂଇଁ ଉପରେ ୪ଟି ଖମ୍ବୀ ଲାଗିବ । ତା' ଉପରେ ପୋଟଳ ଖମ୍ବୀ ଲାଗି ତୃତୀୟ ଭୂଇଁ ରହିବ । ଖୁବ୍‌ଶୀଘ୍ର ଅନୁକୂଳ ହୋଇ ଦଣ୍ଡା ତିଆରି ଆରମ୍ଭ ହୋଇଯିବ । ଦୋଳବେଦି ଶାଳରେ ଓଝା ସେବକମାନେ ଦଣ୍ଡା ପାଇଁ ଲୋଡ଼ା ଲୌହ ସାମଗ୍ରୀ ତିଆରୁଛନ୍ତି ।

# ଘୋଷଣା ହେଲା ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମ ଅବକାଶ

**କଟକ,୨୧।୫ ନ୍ୟୁଜ ବ୍ୟୁରୋ**



ଓଡ଼ିଶା ହାଇକୋର୍ଟରେ ଗ୍ରୀଷ୍ମ ଅବକାଶ । ମେ' ୨୩ରୁ ଜୁନ୍ ୨୧ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଅବକାଶ ରହିବ। ଜୁନ୍ ୨୨ ତାରିଖରେ କୋର୍ଟ ଖୋଲିବ। ଅବକାଶ ସମୟରେ ମେ' ୨୬, ୨୯, ଜୁନ ୨, ୦୫, ୦୯ ,୧୨,୧୭ ଓ ୧୯ ତାରିଖରେ ଅବକାଶକାଳୀନ ଖଣ୍ଡପୀଠ ବସିବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ମେ' ୨୬ରୁ ୨୯ ତାରିଖରେ ଦୁଇଜଣିଆ ଖଣ୍ଡପୀଠରେ ଜଷ୍ଟିସ କେ ଆର ମହାପାତ୍ର, ଜଷ୍ଟିସ ଏମ.ଏସ.ସାହୁ ସେହିପରି ଜଷ୍ଟିସ ଏମ ଏସ ରମଣ, ଜଷ୍ଟିସ ଏମ.ଏସ.ସାହୁ ଓ ଜଷ୍ଟିସ କେ.ଆର ମହାପାତ୍ର ଜଣିକିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ। ସେହିପରି ଜୁନ୍ ୨ ଓ ୫ ତାରିଖରେ ଜଷ୍ଟିସ ଏମ.ଏସ ସାହୁ ଓ ଜଷ୍ଟିସ ଏମ.ଏସ ରମଣ ଦୁଇଜଣିଆ ଖଣ୍ଡପୀଠରେ ମାମଲାର ଶୁଣାଣି କରିବେ । ଅନ୍ୟପଟେ ଜଣିକିଆ ଖଣ୍ଡପୀଠରେ ଜଷ୍ଟିସ ଏମ.ଏସ ସାହୁ ଓ ଜଷ୍ଟିସ ଏମ.ଏସ ରମଣ ମାମଲାର ଶୁଣାଣି କରିବେ। ଜୁନ୍ ୯ ତାରିଖରେ ଜଷ୍ଟିସ ଭି.ନରସିଂହ ଓ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଦୁଇ ଜଣିଆ ଖଣ୍ଡପୀଠରେ ମାମଲାର ଶୁଣାଣି କରିବେ । ସେହି ତାରିଖରେ ଜଷ୍ଟିସ ଭି.ନରସିଂହ, ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ ଗୌରୀଶଙ୍କର ଶତପଥି ଓ ଜଷ୍ଟିସ ବିପି ଶତପଥି ଜଣିକିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ। ଜୁନ ୧୨ ତାରିଖରେ ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ୍ ଭି.ନରସିଂହ ଦୁଇ ଜଣିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ। ଏହି ଦିନ ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ ଭି.ନରସିଂହ ଓ ଜଷ୍ଟିସ ବିପି ଶତପଥି ଜଣିକିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ। ଜୁନ ୧୭ ଓ ୧୯ ତାରିଖରେ ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ୍ ଭି.ନରସିଂହ ଦୁଇ ଜଣିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ। ସେହିପରି ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ ଭି.ନରସିଂହ ଓ ଜଷ୍ଟିସ ବିପି ଶତପଥି ଜଣିକିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ। ଛୁଟିଦିନ ବ୍ୟତୀତ ହାଇକୋର୍ଟ ଅଫିସ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖୋଲା ରହିବ । ଏହି ଅବକାଶ ସମୟରେ ଜରୁରୀ ମାମଲାର ଶୁଣାଣି ହେବ ବୋଲି ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି ।

# ମେ' ୩୦ରୁ ଘରକୁ ଘର ବୁଲିବେ ଅଧିକାରୀ : ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା

**ଭୁବନେଶ୍ୱର, ୨୧/୦୫ ନ୍ୟୁଜ ବ୍ୟୁରୋ**



ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ସମସ୍ତ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳର ବୁଥ୍ ଲେବଲ୍ ଏଜେଣ୍ଟ (ବିଏଲ୍ଏସ୍) ନିଯୁକ୍ତି ସମ୍ପର୍କିତ ଏକ ବୈଠକ ବିଏମ୍‌ସିରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି । ବିଏମ୍‌ସି କମିଶନର ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭୁବନେଶ୍ୱରର ସମସ୍ତ ରାଜନୈତିକ ଦଳର ସଭାପତି ଓ ପ୍ରତିନିଧିମାନେ ଯୋଗ ଦେଇଥିଲେ । ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱରର ମଧ୍ୟ ବିଧାନସଭା (୧୧୨), ଉତ୍ତର ବିଧାନସଭା (୧୧୩) ଏବଂ ଏକାମ୍ର ବିଧାନସଭା (୧୧୪) କ୍ଷେତ୍ର ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ହେବ। ଏଥିପାଇଁ ବିଏମ୍‌ସି ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ଏବେ ଭୋଟରଙ୍କ ବିବରଣୀ ଯାଞ୍ଚ, ସଂଶୋଧନ, ନୂଆ ଭୋଟରଙ୍କ ଅନ୍ତର୍ଭୁକ୍ତୀକରଣ, ଭୋଟର ତାଲିକାରୁ ବାଦଦେବା, ଭୋଟର ତାଲିକା ଅପଡେଟ୍ ଆଦି କାର୍ଯ୍ୟ ସୁରୁଖୁରୁରେ କରିବା ପାଇଁ ତଥା ବୁଥ୍ ଲେଭଲ୍ ଅଫିସର (ବିଏଲ୍ଓ)ଙ୍କୁ ସହାୟତା କରିବା ପାଇଁ ସମସ୍ତ ରାଜନୈତିକ ଦଳ, ସେମାନଙ୍କର ବୁଥ୍ ସ୍ତରୀୟ ଏଜେଣ୍ଟ ଦେବାକୁ କୁହାଯାଇଛି । ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମୁଦ୍ରଣ ମେ ୨୦ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ମଇ ୩୦ରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲିବେ ନିୟୋଜିତ ଅଧିକାରୀ । ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଜୁଲାଇ ୫ ତାରିଖରୁ ଅଗଷ୍ଟ ୪ ତାରିଖ ମଧ୍ୟରେ ସାଧାରଣ ଲୋକଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରାଯିବ । ଜୁଲାଇ ୫ ତାରିଖରୁ ସେପ୍ଟେମ୍ବର ୨ ତାରିଖ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇବ ।

# ଭିଡ଼ ହିଂସା ନିୟନ୍ତ୍ରଣ କରିବେ ସ୍ୱତନ୍ତ୍ର ଫୋର୍ସ

**ଭୁବନେଶ୍ୱର,୨୧/୦୫ ନ୍ୟୁଜ ବ୍ୟୁରୋ**

ଭିଡ଼ ହିଂସା ନିୟନ୍ତ୍ରଣ କରିବା ପାଇଁ ବଡ ପଦକ୍ଷେପ ନେଇଛି କମିଶନରେଟ୍ ପୋଲିସ୍। ଭିଡ ହିଂସା ରୋକିବା ପାଇଁ ସ୍ୱତନ୍ତ୍ର ଫୋର୍ସ ନିୟୋଜିତ ହେବେ। ଏଥିପାଇଁ କମିଶନରେଟ ପୋଲିସ ଏସଟିୟୁ (ସ୍ପେଶାଲ ଟାକ୍ଟିକାଲ ୟୁନିଟ୍) ଓ ଏସଟିଜି (ସ୍ପେଶାଲ ଟାକ୍ଟିକାଲ ଗ୍ରୁପ୍) ସ୍ପେଶାଲ ୟୁନିଟ ଗଠନ କରିଛି। ଏହି ଫୋର୍ସ ଇଆରଏସଏସ ଓ ପିସିଆର ଗାଡ଼ିରେ ମୁତୟନ ହେବେ। କୌଣସି ସ୍ଥାନରେ ଭିଡ଼ ହିଂସା ଦେଖାଦେଲେ ସେମାନେ ସ୍ଥିତି ନିୟନ୍ତ୍ରଣ କରିବେ। ଏହାସହ ସହରାଞ୍ଚଳ ଆତଙ୍କବାଦ ନିୟନ୍ତ୍ରଣ ଓ ଭିଭିଆଇପି ଗସ୍ତବେଳେ ନଜର ରଖିବେ।

## ପ୍ରତିଭା ବିକାଶ, ନବସର୍ଜନା ଏବଂ ଶିଳ୍ପ ସମନ୍ୱୟ ପାଇଁ କିଟ୍ ଓ ସୋଓ୍ୱାଟେକ୍ ମଧ୍ୟରେ ବୁଝାମଣା

# ଟିଭିଏସ୍‌ରେ କିଟ୍‌ରୁ ୪୦ ଆଇଟିଆଇ ଓ ଡିପ୍ଲୋମା ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ

**ଭୁବନେଶ୍ୱର, ୨୨/୦୫ ନ୍ୟୁଜ ବ୍ୟୁରୋ**



ପ୍ରତିଭା ବିକାଶ, ନବସର୍ଜନା ଏବଂ ବୈଶ୍ୱିକ ପ୍ରତିଯୋଗିତାକୁ ଗୁରୁତ୍ୱ ପ୍ରଦାନ କରି ଶିଳ୍ପ ସମନ୍ୱୟ ପାଇଁ କିଟ୍ ଏବଂ ତାମିଲନାଡୁର ଏବିଆଇ ସୋଓ୍ୱାଟେକ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ପ୍ରତିଭା ବିକାଶ, ଗବେଷଣା, ଛାତ୍ର ସଂପୃକ୍ତି ଏବଂ ନବସର୍ଜନା-ଚାଳିତ ପଦକ୍ଷେପ ମାଧ୍ୟମରେ ଶିଳ୍ପ-ଶିକ୍ଷାକ୍ଷେତ୍ର ସହଭାଗିତାକୁ ସୁଦୃଢ଼ କରିବା ପାଇଁ ଏକ ବ୍ୟାପକ ସହଯୋଗୀ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ଦୀର୍ଘକାଳୀନ ସହଯୋଗ ପାଇଁ ଏହି ସଂରଚିତ ଢାଞ୍ଚା ଶିଳ୍ପ-ଶିକ୍ଷାକ୍ଷେତ୍ର ସହଭାଗିତାକୁ ଆନୁଷ୍ଠାନିକ ରୂପ ଦିଆଯିବାର ଆଶା କରାଯାଉଛି ।

ଏହି ବୁଝାମଣା ଅନୁସାରେ ପ୍ରଥମ ପର୍ଯ୍ୟାୟରେ କିଟ୍‌ର ୪୦ ଜଣ ଆଇଟିଆଇ ଓ ଡିପ୍ଲୋମା ଛାତ୍ରଛାତ୍ରୀ ଟିଭିଏସ୍ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଛନ୍ତି । ଏହି ଛାତ୍ରମାନେ ଶିଳ୍ପ ସଂସ୍ଥାରେ କାମ କରିବାର ଅଭିଜ୍ଞତା ହାସଲ କରିବା ସହ ଏବିଆଇର ପୁଲିଭାଲମ୍ ଉତ୍ପାଦନ କେନ୍ଦ୍ରରେ ଇର୍ଣ୍ଟନସିପ୍ କରିବା ସହ ସେଠାରେ ନିଯୁକ୍ତି ପାଇବେ । ପରେ ସେମାନଙ୍କୁ ଓଡ଼ିଶାରେ ହେବାକୁ ଥିବା ଟିଭିଏସ୍ କମ୍ପାନୀର ପ୍ରକଳ୍ପରେ ଅବସ୍ଥାପିତ କରାଯିବ । ଇର୍ଣ୍ଟନସିପ ସମୟରେ ରହିବା, ଖାଇବା ସୁବିଧା ସହ ମାସିକ ୨୦ ହଜାର ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନର ବ୍ୟବସ୍ଥା ରହିଛି। ଏବିଆଇ ସୋଓ୍ୱାଟେକ୍ (ଇଣ୍ଡିଆ) ଲିମିଟେଡ୍ ଟିଭିଏସ୍ ଗ୍ରୁପ୍‌ର ସହ ଜଡ଼ିତ ଏକ ଅଂଶୀଦାର କମ୍ପାନୀ । ଏହା ପ୍ରିସିସନ୍ ଏବଂ ଇନ୍‌ଭେଷ୍ଟମେଣ୍ଟ କାଷ୍ଟିଂର ଏକ ବିଶେଷଜ୍ଞ ନିର୍ମାତା । ଏହା ମଧ୍ୟ ଟିଏସ୍ ସନାଥନମ ଗ୍ରୁପ୍ ଅଫ୍ କମ୍ପାନୀଜ୍ ସହିତ ଜଡିତ ।

ଏହି ବୁଝାମଣା ଫଳରେ ଗବେଷଣା କ୍ଷେତ୍ରରେ ତିନୋଟି ମିଳିତ ପ୍ରସ୍ତାବ ବର୍ତ୍ତମାନ ମୂଲ୍ୟାଙ୍କନସ୍ତରରେ ଅଛି । ମନୋନୀତ ପ୍ରକଳ୍ପଗୁଡ଼ିକ ଉପରେ କାମ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି । ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଛନ୍ତି କିଟ୍ ସର୍ବଦା ପ୍ଲେସ୍‌ମେଣ୍ଟ ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇ ଆସିଛି । ଯାହା ଫଳରେ ଭାରତୀୟ ଓ ବହୁଦେଶୀୟ କମ୍ପାନୀମାନେ କିଟ୍‌ରୁ ଛାତ୍ରଛାତ୍ରୀଙ୍କୁ ମନୋନୀତ କରି ପ୍ଲେସ୍‌ମେଣ୍ଟ ଦେଇଥାନ୍ତି। ଏହି ବୁଝାମଣା ଉତ୍ପାଦନ ପ୍ରକ୍ରିୟା, ସାମଗ୍ରୀ ଇଞ୍ଜିନିୟରିଂ ଏବଂ ଯୋଗାଣ ଶୃଙ୍ଖଳା ନବସର୍ଜନାର ଅପ୍‌ଟିମାଇଜେସନ୍ ଉପରେ କେନ୍ଦ୍ରିତ ପ୍ରୟୋଗିକ ଗବେଷଣାକୁ ପ୍ରାଥମିକତା ଦେବା ଏହି ସହଯୋଗର ପ୍ରାଥମିକ ଉଦ୍ଦେଶ୍ୟ ହେବ । ଏହି ସହଭାଗିତା ଘନିଷ୍ଠ ଶିଳ୍ପ ସଂଯୋଗ ସ୍ଥାପନ କରି ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ସହ ଗବେଷଣା ପାଇଁ ସୁଯୋଗ ସୃଷ୍ଟି କରି ଉଭୟ ପ୍ରତିଷ୍ଠାନକୁ ଲାଭବାନ କରିବ ବୋଲି ଡ. ସାମନ୍ତ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଉପସଭାପତି ଡ. ଅଜୟ ପ୍ରଧାନ, ଏବିଆଇ ସୋଓ୍ୱାଟେକ୍ ଚେୟାରମ୍ୟାନ୍ ଆର ରାମାନୁଜାମ, ଡିନ୍ ଡ. ପିସି ମିଶ୍ର, ନିର୍ଦ୍ଦେଶକ ଡ. ବେଣୁଗୋପାଲ ମହାପାତ୍ର, ଏବିଆଇର ସିଏଫ୍ଓ ଟି ଟି ହତଗ୍ରାବିନ୍, ଏବିଇର ପରାମର୍ଶଦାତା ଡ. ଦେବାଶିଷ ଦେବ ଏବଂ ଏବିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ୍ ସୁନ୍ଦର ପ୍ରମୁଖ ଉପସ୍ଥିତ ଥିଲେ।

# ଅସୁରକ୍ଷିତ ମହିଳା : ନଦୀପଠାରୁ ମିଳିଲା ମହିଳାଙ୍କ ମୃତଦେହ

## ଝାରସୁଗୁଡ଼ା ଦୁଷ୍କର୍ମ ମାମଲାରେ ୩ ଗିରଫ, ସାମ୍ନାକୁ ଆସିଲା ସାଂଘାତିକ ତଥ୍ୟ

**କଟକ/ବାରଙ୍ଗ/ଝାରସୁଗୁଡା, ୨୧/୦୫ ନ୍ୟୁଜ ବ୍ୟୁରୋ**



ରାଜ୍ୟରେ ଥମୁନି ମହିଳା ବିରୋଧୀ ହିଂସା। ଝାରସୁଗୁଡ଼ାରେ ହସ୍ପିଟାଲରୁ ନାବାଳିକାକୁ ଟେକି ନେଇ ଦୁଷ୍କର୍ମ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୁଲିସ୍ ଘଟଣାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏପଟେ କଟକ କାଠଯୋଡ଼ି ନଦୀ ପଠାରୁ ଜଣେ ମହିଳାଙ୍କ ଅଧାପୋତା ମୃତଦେହ ଉଦ୍ଧାର ଘଟଣାକୁ ନେଇ ହଇଚଇ ସୃଷ୍ଟି ହୋଇଛି। କଟକ ବାରଙ୍ଗ କାଠଯୋଡ଼ି ନଦୀ ପଠା ଭିତରୁ ମହିଳାଙ୍କ ଅଧାପୋତା ମୃତଦେହ ଜବତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ବାରଙ୍ଗ ଥାନା ପୁଲିସ ମୃତଦେହ ଜବତ କରିଥିବା ବେଳେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଛାନଭିନ କରୁଛି। ବାରଙ୍ଗ ଥାନା ଅନ୍ତର୍ଗତ ବ୍ରାହ୍ମଣି ଗାଁର କିଛି ଲୋକ ସକାଳୁ କାଠଯୋଡ଼ି ନଦୀକୁ ଗାଧୋଇବାକୁ ଯିବା ସମୟରେ କିଛି କୁକୁର ବାଲି ଭିତରୁ କିଛି ବାହାର କରି ଖାଉଥିବା ଦେଖିବାକୁ ପାଇଥିଲେ। ବାଲିତଳେ ପୋତା ହୋଇଥିବା ମହିଳାଙ୍କ ମୃତଦେହକୁ କୁକୁର ଭିଡ଼ି ଖାଉଥିବାର ସ୍ଥାନୀୟ ଲୋକଙ୍କ ନଜରକୁ ଆସିଥିଲା। ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ସହ ପୋଷ୍ଟମର୍ଟମ ପାଇଁ ପଠାଇ ମୃତା ମହିଳାଙ୍କ ପରିଚୟ ଖୋଜୁଛି ।

ସେପଟେ ଝାରସୁଗୁଡ଼ାରେ ହସ୍ପିଟାଲରୁ ନାବାଳିକାଙ୍କୁ ଟେକି ନେଇ ଦୁଷ୍କର୍ମ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ ସହ ସାଂଘାତିକ ତଥ୍ୟ ଦେଇଛି ପୁଲିସ୍। ପୋଲିସର ତଥ୍ୟ ଅନୁସାରେ ଆଗରୁ ପରିଚୟ ଥିଲେ ବି ଅଭିଯୁକ୍ତ ରାଜା ବେସନକୁ ସାକ୍ଷାତ କରିବାକୁ ଚାହୁଁନଥିଲେ ପୀଡ଼ିତା। ସୋମବାର ରାତିରେ ପୀଡ଼ିତା ନାବାଳିକାଙ୍କ ନିଜ ପିଉସୀଙ୍କ ସହ ଜିଲ୍ଲା ମେଡିକାଲକୁ ଆସିଥିଲେ। ତାଙ୍କ ପିଇସା ମେଡିକାଲରେ ଭର୍ତ୍ତି ହୋଇଥିବାବେଳେ ପିଉସୀଙ୍କ ସହ ଜଗିବାକୁ ଆସିଥିଲେ ପୀଡ଼ିତା। ଏହା ଜାଣିବା ପରେ ସୋମବାର ରାତିରେ ଅଭିଯୁକ୍ତ ରାଜା ମେଡିକାଲକୁ ତା'ର ସାଙ୍ଗ ଆକାଶ ପ୍ରଧାନ ଓ ତୃପ୍ତି ନାଏକଙ୍କ ସହିତ ଆସିଥିଲା। ଚା' ପିଇବା ବାହାନାରେ ପୀଡ଼ିତାଙ୍କୁ ବାହାରକୁ ଡାକିଥିଲେ ତୃପ୍ତି। ଆଉ ବାହାରେ ଛକି ବସିଥିବା ରାଜା ପୀଡ଼ିତାଙ୍କୁ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସେପଟେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି ଏବଂ କିଭଳି ଏହାର ବିଚାର ଫାଷ୍ଟ ଟ୍ରାକ କୋର୍ଟରେ ହେବ ଏବଂ ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ମିଳିବ ସେନେଇ ପ୍ରୟାସ କରାଯିବା ନେଇ ସିଡବ୍ଲୁସି ଅଧ୍ୟକ୍ଷା କହିଛନ୍ତି। ରାଜ୍ୟରେ ମହିଳା ବିରୋଧୀ ହିଂସା କମାଇବାକୁ ପଦକ୍ଷେପ ନିଆଯାଉଥିବା ଉଭୟ ପ୍ରଶାସନ ଓ ପୁଲିସ୍ କହୁଛି। ହେଲେ ଏପରି କିଛି ଘଟଣା ପୂରା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୧/୦୫/୨୦୨୬
୫,୪୨,୦୪୯/- ଟଙ୍କା
ସୁନା:- ୦୦ଗ୍ରାମ୍୧୮୦ ମିଲିଗ୍ରାମ
ରୂପା:- ୫୫୩ଗ୍ରାମ୍୫୦୦ ମିଲିଗ୍ରାମ




# ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଗାଁକୁ ଯୋଗାଇ ଦିଆଯିବ ପାଇପ୍ ଜଳ : ଜୁନ୍ ସୁଦ୍ଧା ଶେଷ ହେବ ଆଉ ୧୪ ପ୍ରକଳ୍ପ

**ଭୁବନେଶ୍ୱର,୨୧/୦୫ ନ୍ୟୁଜ ବ୍ୟୁରୋ**



ସମସ୍ତ ଗ୍ରାମକୁ ୨୦୨୭ ମାର୍ଚ୍ଚ ଶେଷ ସୁଦ୍ଧା ପାଇପ୍ ଜଳ ଯୋଗାଇ ଦିଆଯିବ। ଏହି ଲକ୍ଷ୍ୟ ପୂରଣ ପାଇଁ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ । ବର୍ତ୍ତମାନ ସୁଦ୍ଧା ମୋଟ ୨୦୭ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୩୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ୨୪୦୨ଟି ଗାଁକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଜୁନ୍ ଶେଷ ସୁଦ୍ଧା ଆହୁରି ୧୪ଟି ପ୍ରକଳ୍ପ ଶେଷ ହେବ। ସେପ୍ଟେମ୍ବର ସୁଦ୍ଧା ୩୫ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଶେଷ ହେବ। ବର୍ତ୍ତମାନ ସୁଦ୍ଧା ମୋଟ ୬ ହଜାର ୩୬୯ଟି ସୋଲାର୍ ପିଡବ୍ଲୁଏସ୍ ସମ୍ପୂର୍ଣ୍ଣ ହୋଇଛି। ୨୦୨୪ ମସିହାରୁ ବିଭିନ୍ନ ଅଞ୍ଚଳରେ ଜଳ ସଂକଟ ଦୂର ପାଇଁ ୩୭ ହଜାର ୮୭୬ଟି ନଳକୂପକୁ ଅନୁମୋଦନ ଦିଆଯାଇଛି। ଚଳିତ ବର୍ଷ ଜଳ କଷ୍ଟ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ୬୨୯ଟି ଟ୍ୟାଙ୍କର୍ ଯୋଗାଇ ଦିଆଯାଇଛି। ବିଭିନ୍ନ ଗ୍ରାମୀଣ ଅଞ୍ଚଳରେ ମୋଟ ୮୨୮୧ଟି ଜଳ ଛତ୍ର ଖୋଲାଯାଇଛି। ଏପର୍ଯ୍ୟନ୍ତ ମୋଟ ୨୦ ହଜାର ୮୭୫ଟି ଗ୍ରାମକୁ ପାଇପ୍ ଜଳ ଯୋଗାଣ ଜାରି ରହିଛି। ଏହାଛଡ଼ା ୭୦୪୨ଟି ଗ୍ରାମକୁ ଷ୍ଟାଣ୍ଡ ପୋଷ୍ଟ ମାଧ୍ୟମରେ ଜଳ ଯୋଗାଣ କରାଯାଉଥିବା ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

# ଭିଜିଲାନ୍ସ ଜାଲରେ ଆରଡବ୍ଲୁଏସ୍ଏସ୍ ସହକାରୀ ଯନ୍ତ୍ରୀ

**ରାୟଗଡ଼ା,୨୧/୦୫ ନ୍ୟୁଜ ବ୍ୟୁରୋ**


ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାୟଗଡା ଆରଡବ୍ଲୁଏସ୍ଏସ୍ ସହକାରୀ ଯନ୍ତ୍ରୀ ମଳୟ କୁମାର ନାୟକଙ୍କ ଘରେ ଭିଜିଲାନ୍ସ ଚଢଉ ହୋଇଛି। ବ୍ରହ୍ମପୁରର ୬ଟି ସ୍ଥାନରେ ଏବଂ ରାୟଗଡ଼ା ରୋହିତ କଲୋନୀରେ ଏକକାଳୀନ ଚଢଉ ଜାରି ରହିଛି। ଚଢଉ ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୫ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀ ଉପସ୍ଥିତ ଅଛନ୍ତି। ବ୍ରହ୍ମପୁରର ଲୋଚାପଡା, ସାଉଣ୍ଡରିଆ ନାଗରଠାରେ ଥିବା ଆବାସିକ ତିନି ମହଲା କୋଠା, ଗଞ୍ଜାମର ଜଗନ୍ନାଥପ୍ରସାଦ, ଥୋଲାଣ୍ଡା ବାଡା ଦାଣ୍ଡା ସାହିରେ ଥିବା ତାଙ୍କ ଘର, ଗଞ୍ଜାମ ବୁଗୁଡ଼ାର ବାଲି ପିଣ୍ଡି ସାହି ଓ ପଙ୍କଲ ସାହିରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ଚଢଉ କରିଛି। ବ୍ରହ୍ମପୁରର କମଲପୁର, ଗୋଲାନନ୍ଦରେ ଥିବା ତାଙ୍କ ଶାଶୁଙ୍କ ଘରେ ଚଢଉ କରାଯାଇଛି । ରାୟଗଡ଼ାର ରୋଇଟ୍ କଲୋନୀରେ ଶ୍ରୀ ନାୟକଙ୍କ ଭଡା ଘର, କୋଲନାରା ବ୍ଲକରେ ଥିବା ଶ୍ରୀ ନାୟକଙ୍କ କାର୍ଯ୍ୟାଳୟରେ ଚଢଉ ଜାରି ରହିଥିବା ସୂଚନା ମିଳିଛି।

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

**ସ୍ମୃତିରେ**



ଡ଼ଃ ବଂଶୀଧର ପଣ୍ଡା
(୧୬.୧୧.୧୯୩୧ - ୨୨.୦୫.୨୦୧୮)

ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା, ରାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

imfa

Tel: +91 674 2611000 | Email: memoriam@imfa.in